# ଲୋକଙ୍କ ପାଖରେ ଯୋଜନା ପହଞ୍ଚାଇବାକୁ ଏମ୍‌ପିଙ୍କ ନିର୍ଦ୍ଦେଶ

## ରାୟଗଡ଼ା ବ୍ଲକ୍ ୧୦ମ ପଞ୍ଚାୟତ ସମିତି ବୈଠକ

ରାୟଗଡ଼ା,୧୩।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବ୍ଲକ ଅଧ୍ୟକ୍ଷା ଚୁନି ହୁଇକାଙ୍କ ନେତୃତ୍ୱରେ ଦଶମ ପଞ୍ଚାୟତ ସମିତି ବୈଠକ ବୁଧବାର ବ୍ଲକ୍ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା ଯୋଗଦେଇ ଅଞ୍ଚଳରେ ରହିଥିବା ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନେ ନେଇଥିବା ପଦକ୍ଷେପ ଓ ସମାଧାନ ପଚାରିବା ସହ ତୃଣମୂଳସ୍ତରରେ କିଭଳି ଲୋକଙ୍କ ନିକଟରେ ସମସ୍ତ ସୁବିଧା ପହଞ୍ଚିପାରିବ ସେ ନେଇ ଯତ୍ନବାନ୍ ହେବାକୁ ପରାମର୍ଶ ଦେଇଥିଲେ। ବୈଠକରେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ଯୋଗଦେଇ ସରପଞ୍ଚ, ସମିତିସଭ୍ୟଙ୍କ ପକ୍ଷରୁ ଉପସ୍ଥାପନ ହୋଇଥିବା ସମସ୍ୟାର ସମାଧାନ ଓ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ସ୍ୱାସ୍ଥ୍ୟ, ପାନୀୟଜଳ, ଶିକ୍ଷା, କୃଷି, ଜଙ୍ଗଲ, ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା, ପିଏମ୍ ଆବାସ ଯୋଜନା ସମେତ ଅନ୍ୟ ସରକାରୀ ଯୋଜନା ବିଷୟରେ ଆଲୋଚନା ହୋଇଥିଲା।



ପଞ୍ଚାୟତ ସମିତି ବୈଠକରେ ଏମ୍‌ପି ସପ୍ତଗିରି ଉଲାକା ଉଦ୍‌ବୋଧନ ଦେଉଛନ୍ତି।

ନୂତନ ମଞ୍ଜୁରୀପ୍ରାପ୍ତ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ସ୍ଥାନ ନିରୂପଣ ପରେ ନିର୍ମାଣ ଆରମ୍ଭ ହେବ ବୋଲି ସିଡିପିଓ ମୀନାକ୍ଷୀ ଦାଶ ପ୍ରକାଶ କରିବା ସହ ସୁଭଦ୍ରା ଯୋଜନାର ବ୍ୟବସ୍ଥା ବିଷୟରେ ସୂଚନା ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ୮୨୯ ଜଣଙ୍କ ନାକଚ ଦରଖାସ୍ତର ପୁନଃ ଯାଞ୍ଚ ଚାଲିଛି ଏବଂ ଆବେଦନକାରୀ ନିଜର ଇ-କେୱାଇସି ସଂଶୋଧନ କରିବା ପାଇଁ ସଚେତନ କରିବାକୁ ସିଡିପିଓ ଦାଶ ଅନୁରୋଧ କରିଥିଲେ । ଜଳକଷ୍ଟ ଗ୍ରାମଗୁଡ଼ିକରେ ପାନୀୟ ଜଳ ବ୍ୟବସ୍ଥା କରିବା ସହ ସୋଲାର ପାନୀୟଜଳ ଯୋଗାଣର ମରାମତି ନିମନ୍ତେ ପ୍ରାଧାନ୍ୟ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ଦାଶ ଉପସ୍ଥିତ ରହି ୫୪ଟି ବିଦ୍ୟାଳୟର ମରାମତି, ୮ଟି ନୂତନ ଶ୍ରେଣୀଗୃହ ନିର୍ମାଣ ପ୍ରସ୍ତାବ ରହିଥିବା ସମେତ ବ୍ଲକ୍‌ରେ ୪୨ଜଣ ଶିକ୍ଷକ ଆବଶ୍ୟକ ରହିଥିବା ବେଳେ ମାତ୍ର ୨୩ ଜଣ ନିଯୁକ୍ତି ହୋଇଥିବା ନେଇ ସୂଚନା ଦେଇଥିଲେ । ଏକକ ଶିକ୍ଷକରେ ଚାଲିଥିବା ୮ଟି ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ନିମନ୍ତେ ଜିଲାପାଳ ପାରୁଲ ପଟୱାରି ଅନୁମୋଦନ ଦେଇଥିବା ବିଇଓ ଦାସ ବୈଠକରେ ସୂଚନା ଦେଇଥିଲେ । ବ୍ଲକ୍‌ରେ ଡ୍ରପ୍ ଆଉଟଙ୍କ ସଂଖ୍ୟା ନେଇ ବିଧାୟକ କାଡ୍ରାକାଙ୍କ ପ୍ରଶ୍ନର ଉତ୍ତରରେ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡ଼ିଥିବା ନେଇ ବିଇଓ ଦାସ ସୂଚନା ଦେବା ସହ ସେମାନଙ୍କୁ ଫେରାଇ ଆଣିବା ପାଇଁ ପ୍ରୟାସ ଜାରି ରହିଥିବା ସୂଚନା ଦେଇଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, ଜିଲା ପରିଷଦ ସଭ୍ୟା ପଦ୍ମାବତୀ ମାଣ୍ଡାଙ୍ଗି, ସନ୍ଧ୍ୟା ପୁଲାକା, ବିଡିଓ ଅମୂଲ୍ୟ କୁମାର ସାହୁ, ଏବିଡିଓ କେଲୁ ଚରଣ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାକେଶ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ୍‌ର ୨୮ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ ।

# ଭଙ୍ଗାଗଲା ୧୬ ଜରାଜୀର୍ଣ୍ଣ ସରକାରୀ କ୍ୱାର୍ଟର୍ସ

## ସ୍ୱାସ୍ଥ୍ୟ ଓ ରାଜସ୍ୱ ବିଭାଗ ନୂତନ କୋଠା ନିର୍ମାଣ ସୂଚନା

ରାୟଗଡ଼ା,୧୩।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରର ମେଡିକାଲ ପଛପଟ ଥିବା ୧୬ଟି ସରକାରୀ କ୍ୱାର୍ଟର୍ସକୁ ଜିଲା ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଛି। ଭଙ୍ଗାଯାଇଥିବା କ୍ୱାର୍ଟର ମଧ୍ୟରେ ୩ଟି କୋଷାଗାର ବିଭାଗର ଓ ୧୩ଟି ରାଜସ୍ୱ ବିଭାଗର ରହିଛି। ଏହି ସବୁ କ୍ୱାର୍ଟର୍ସଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ଗତ ୫ ବର୍ଷ ହେବ ଖାଲି ପଡ଼ିରହିଥିଲା । ଫଳରେ କିଛି ଅସାମାଜିକ ଗୋଷ୍ଠୀ ଉକ୍ତ କ୍ୱାର୍ଟର୍ସଗୁଡ଼ିକ ଜବରଦଖଲରେ ରଖି ସେଠାରୁ ଅପରାଧ ନିୟନ୍ତ୍ରଣ କରୁଥିବା ବାରମ୍ବାର ଅଭିଯୋଗ ହେଉଥିଲା । ଗତ କିଛିଦିନ ପୂର୍ବେ ଜିଲାପାଳ ପାରୁଲ ପଟୱାରି ଉକ୍ତ ସରକାରୀ କ୍ୱାର୍ଟରଗୁଡ଼ିକ ପରିଦର୍ଶନ କରି ସମୀକ୍ଷା କରିବା ପରେ ସେଗୁଡ଼ିକୁ ଭାଙ୍ଗିବା ପାଇଁ ନିଷ୍ପତ୍ତି ହୋଇଥିଲା । ଉକ୍ତ ନିଷ୍ପତ୍ତି ପ୍ରକାରେ ବୁଧବାର ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ଓ ପୌର ପରିଷଦ ନିର୍ବାହୀ ଅଧିକାରୀ


ସରକାରୀ କ୍ୱାର୍ଟର୍ସକୁ ଭଙ୍ଗାଯାଉଛି।

ସୌମ୍ୟରଞ୍ଜନ ମିଶ୍ରଙ୍କ ଉପସ୍ଥିତିରେ ସେଗୁଡ଼ିକ ଭଙ୍ଗାଯାଇଥିଲା। ଏହି ସ୍ଥାନରେ ସ୍ୱାସ୍ଥ୍ୟ ବିଭାଗ ଓ ରାଜସ୍ୱ ବିଭାଗର ନୂତନ କୋଠା ନିର୍ମାଣ ହେବ ବୋଲି ସୂଚନା ମିଳିଛି। କୋଠା ଭାଙ୍ଗିବା ସମୟରେ ଆଇଆଇସି କେକେବିକେ କହଁରଙ୍କ ନେତୃତ୍ୱରେ ୪ ଜଣ ଏସ୍‌ଆଇଙ୍କ ସମେତ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।

# ଜିଲାରେ ୬.୩୭ ଲକ୍ଷ ଔଷଧୀୟ ମଶାରି ବଣ୍ଟନ ଲକ୍ଷ୍ୟ

ରାୟଗଡା, ୧୩।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଜିଲାପାଳ ପାରୁଲ ପଟାୱରୀଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ବିଭାଗର ଜିଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ, ଖାଦ୍ୟ ସୁରକ୍ଷା, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ରାଷ୍ଟ୍ରୀୟ କୈଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏବଂ ଫାଇଲେରିଆ ନିରାକରଣ ନିମନ୍ତେ ସାମୂହିକ ଔଷଧ ସେବନ, ଏଲ.ଏଲ.ଆଇ.ଏନ ମଶାରୀ ବଣ୍ଟନ ଏବଂ ଦମନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ଜିଲାରେ ମୋଟ ୬ ଲକ୍ଷ ୩୭ ହଜାର ୮୬୬ ଏଲ.ଏଲ.ଆଇ.ଏନ ମଶାରୀ ବଣ୍ଟାଯିବା ଲକ୍ଷ୍ୟ ରହିଛି । ବୈଠକରେ ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଗୁଣପୁର ଉପଜିଲାପାଳ କିରଣଦୀପ ସହାଟେ,

### ସ୍ୱାସ୍ଥ୍ୟ ବିଭାଗର ଜିଲାସ୍ତରୀୟ ସମନ୍ୱୟ ବୈଠକ

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଲାଲମୋହନ ରାଉତରାୟ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା .ମମତା ସାହୁ , ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭିବି) ଡା ପ୍ରଦୀପ୍ତ କୁମାର ସୁବୁଦ୍ଧି, ଜିଲା ଚିକିତ୍ସାଧିକାରୀ ଡା .ପ୍ରଫୁଲ୍ଲ କୁମାର ପାଢ଼ୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ଫେବୃଆରୀ ୧୦ରୁ ୧୯ ପର୍ଯ୍ୟନ୍ତ ରାୟଗଡା ଏବଂ ଗୁଣପୁର, ଗୁଡାରି ବିଜ୍ଞାପିତ ଅଞ୍ଚଳ, ବିଷମକଟକ, ମୁନିଗୁଡା ଓ ପଦ୍ମପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ଫାଇଲେରିଆ ବଟିକା ଖୁଆଯିବ। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ସହଯୋଗ ଆବଶ୍ୟକ ବୋଲି ଜିଲାପାଳ କହିଥିଲେ।



# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ମହାସଂଘର ଦାବିପତ୍ର

ମୁନିଗୁଡା,୧୩।୧୧ (ନନ୍ଦ କିଶୋର ପଟ୍ଟନାୟକ)

ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ମହାସଂଘ ମୁନିଗୁଡା ଶାଖା ପକ୍ଷରୁ ୯ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୁନିଗୁଡା ବିଡିଓଙ୍କ ଜରିଆରେ ପ୍ରଦାନ କରାଯାଇଛି । ମୁନିଗୁଡା ଶାଖା ସଭାପତି ରାଧାପ୍ରସାଦ ସାହୁ, ସମ୍ପାଦକ ବ୍ରହ୍ମାନନ୍ଦ ଆଚାରୀ, କୋଷାଧ୍ୟକ୍ଷ ଚକ୍ରଧର ମହାରଣା, ତ୍ରିନାଥ ସାହୁ, ନିରଞ୍ଜନ ଶତପଥୀ ଓ ଭାସ୍କର ତ୍ରିପାଠୀ ପ୍ରମୁଖ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ସହ ଆଲୋଚନା କରିବା ସହ ଉକ୍ତ ଦାବିର ଆଶୁ ସମାଧାନ ପାଇଁ ଅନୁରୋଧ କରିଥିଲେ। ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀଙ୍କ ଦୀର୍ଘ ଦିନର ଦାବି କେନ୍ଦ୍ର ଅନୁରୂପ ଚିକିତ୍ସା ଭତ୍ତା ଓ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସହ ପେ-ମାଟ୍ରିକ ଆଧାରରେ ପେନ୍‌ସନ ନିର୍ଦ୍ଧାରଣ, ସର୍ବନିମ୍ନ ପେନ୍‌ସନ, କ୍ୱାଲିଫାଇଂ ସର୍ଭିସ ୨୦ ବର୍ଷକୁ ହ୍ରାସ, ପୁରୁଣା ପେନ୍‌ସନ ପୁନଃ ପ୍ରଚଳନ କରାଯିବା, କୋଭିଡ୍ ସମୟର ବାକିଥିବା ୧୮ ମାସର ବକେୟାର ଡି.ଆର୍. ପ୍ରଦାନ କରିବା, କୋଭିଡ୍ ସମୟରୁ ବନ୍ଦ ଥିବା ରେଳଯାତ୍ରାରେ ବରିଷ୍ଠ ନାଗରିକଙ୍କୁ ମିଳୁଥିବା ରିହାତିର ପୁନଃ ପ୍ରଚଳନ ଆଦି ଦାବି କରାଯାଇଛି। ମହାସଂଘର କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ସ୍ମାରକପତ୍ର ପ୍ରଦାନ କରିବା ସମୟରେ ଉକ୍ତ ଦାବିକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଦାବି ସମ୍ପର୍କିତ ସୂଚନା ଅର୍ଥ ବିଭାଗରୁ ମିଳିନାହିଁ। ତେଣୁ ବାଧ୍ୟହୋଇ ପୁଣି ଥରେ ଦାବିପତ୍ର ପ୍ରଦାନ କରିଛୁ ବୋଲି ସଭାପତି ସାହୁ ସୂଚନା ଦେଇଛନ୍ତି।


ସଂଘ କର୍ମକର୍ତ୍ତା ମୁନିଗୁଡ଼ା ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

# ଚାଷୀଙ୍କ କାମରେ ଆସୁନି ୪୦ଲକ୍ଷରେ ନିର୍ମିତ ଧାନଖଳା

## ବାଲି ମାଫିଆଙ୍କ କବ୍‌ଜାରେ ଧାନଖଳା, ସେଡ୍

ବିଷମକଟକ/ପାଇକଡାକୁଲୁଗୁଡା, ୧୩।୧୧
(ପ୍ରସନ୍ନ କୁମାର ପଣ୍ଡା/ ଧନୁର୍ଜୟ ରାଜୁ)

ଗ୍ରାମାଞ୍ଚଳ ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ବିଷମକଟକ ବ୍ଲକ ଅନ୍ତର୍ଗତ ପାଇକଡାକୁଲୁଗୁଡାରେ ପ୍ରଶାସନ ପକ୍ଷରୁ ୪୦ଲକ୍ଷ ବ୍ୟୟରେ ନିର୍ମିତ ଧାନଖଳା ଓ ସେଡ୍ ଏବେ ବାଲି ମାଫିଆଙ୍କ କବ୍‌ଜାରେ ରହିଛି।

ପାଇକଡାକୁଲୁଗୁଡା ପଞ୍ଚାୟତରେ ଅଧିକ ଧାନ ଚାଷ ଜମି ରହିଥିବାବେଳେ ପ୍ରତ୍ୟେକ ବର୍ଷ ପ୍ରଚୁର ପରିମାଣରେ ଧାନ ଉତ୍ପାଦନ ହେଉଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୪୦ ଲକ୍ଷ ଟଙ୍କା ବ୍ୟୟରେ ଏଠାରେ ଏକ ଧାନ ଖଳା ଏବଂ ଧାନ ସୁରକ୍ଷିତ ରଖିବା ନିମନ୍ତେ ସେଡ୍ ନିର୍ମାଣ କରିଛନ୍ତି। ହେଲେ ଉକ୍ତ ଧାନ ଖଳାରେ ବ୍ୟବସାୟୀମାନେ ବାଲି ଗଛିତ କରି ରଖିବା ସହ ସେଡ୍‌କୁ ନିଜ କବ୍‌ଜାରେ ରଖିଥିବାରୁ ଏହା ଚାଷୀଙ୍କ କାମରେ ଆସିପାରୁନାହିଁ । ଏବେ ଚାଷ ଅମଳ ସମୟ ଆସିଯାଇଥିବା ସହ ଆଗକୁ ଲଘୁଚାପଜନିତ ବର୍ଷାର ପୂର୍ବାନୁମାନ ମଧ୍ୟ ହୋଇଛି । ଚାଷୀମାନେ ବର୍ଷା ପୂର୍ବରୁ ସେମାନଙ୍କ ଧାନ ବିଲରୁ କାଟି


ଧାନ ଖଳାରେ ବାଲି ଗଦା କରାଯାଇଛି।

ଏହି ଖଳାରେ ଅମଳ କରିବା ସହ ସେଡ୍‌ରେ ସୁରକ୍ଷିତ ଭାବେ ରଖିବାକୁ ଆଶା ବାନ୍ଧି ବସିଛନ୍ତି । ହେଲେ ଏହି ଖଳାରେ ଗଛିତ ରହିଥିବା ବାଲିକୁ ସ୍ଥାନାନ୍ତରିତ କରା ନ ଗଲେ ଚାଷୀ ବହୁତ ଅସୁବିଧାର ସମ୍ମୁଖୀନ ହେବା ସହ ସେମାନଙ୍କ ଫସଲ ନଷ୍ଟ ହେବାର ଆଶଙ୍କା ରହିଥିବା ଚାଷୀ ପ୍ରଫୁଲ୍ଲ ଗୌଡ, ନିରଞ୍ଜନ ଗୌଡ, ଶ୍ୟାମଘନ ତୁଇକା, ବନମାଳି ପ୍ରାସ୍କା, ଜାମ୍ବୁ ତୁଇକା, ଚିନାମାଳି ତୁଇକା ଅଭିଯୋଗ ଆଣିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହି ଖଳା ଏବଂ ସେଡ ବାଲି ମାଫିଆଙ୍କ କବଳରୁ ମୁକ୍ତ କରି ଚାଷୀକୁଳଙ୍କୁ ହସ୍ତାନ୍ତର କରିବାକୁ ଚାଷୀମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ବିଷମକଟକ ତହସିଲଦାର କେ. ଭେଙ୍କେଟେଶ୍ୱର ରେଡ୍ଡିଙ୍କୁ ଯୋଗାଯୋଗ କରିବାରୁ ଏ ସମ୍ପର୍କରେ ସେ ଖଣି ବିଭାଗ ଅଧିକାରୀଙ୍କୁ ଜଣାଇଛନ୍ତି।ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବରଡ଼ା ବାଲୁଙ୍କେଶ୍ୱର ମନ୍ଦିର ରତ୍ନମୁଦ ପ୍ରତିଷ୍ଠା

ରାୟଗଡା,୧୩।୧୧ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ ପିଏଚଡି କଲୋନୀଠାରେ ଅବସ୍ଥିତ ବରଡ଼ା ବାଲୁଙ୍କେଶ୍ୱରଙ୍କ ନବ ନିର୍ମିତ ମନ୍ଦିରର ବୁଧବାର ରତ୍ନମୁଦ ପ୍ରତିଷ୍ଠା ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ କରାଯାଇଛି। ଏହି ଉପଲକ୍ଷେ ଗତ ୩ଦିନ ଧରି ନୀତିକାନ୍ତି ଅନୁଯାୟୀ ପୂଜା, ହୋମ, ନାମ ସଙ୍କୀର୍ତ୍ତନ, ଅନ୍ନ ଯଜ୍ଞ, ଘୃତ ଯଜ୍ଞ ଚାଲିଛି। ରତ୍ନମୁଦ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭାଗନେଇ ଧାନ, ସୁନା, ଟଙ୍କା, ନବରତ୍ନ, କଉଡ଼ି, ଗୁଆ ପ୍ରଦାନ କରିଛନ୍ତି। ଦେବତ୍ତର ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ଏବଂ ଶ୍ରଦ୍ଧାଳୁ ଲୋକନାଥ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ସ୍ଥାନୀୟ ଭକ୍ତ ରଞ୍ଜନ ରଥ, ମହେନ୍ଦ୍ର ରଥ, ପ୍ରସନ୍ନ ସୁବୁଦ୍ଧି, ପ୍ରଶାନ୍ତ ପଟ୍ଟନାୟକ, ପ୍ରଶାନ୍ତ ତ୍ରିପାଠୀ, ସୁନୀଲ ପଣ୍ଡା, ଗୋପରଞ୍ଜନ ବକ୍ସିପାତ୍ରଙ୍କ ସମ୍ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପର୍ଣ୍ଣ ହୋଇଛି।

# ଆଧ୍ୟାତ୍ମିକ ସମାବେଶ, ସନ୍ଥ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ମୁନିଗୁଡ଼ା,୧୩।୧୧ (ନନ୍ଦକିଶୋର ପଟ୍ଟନାୟକ)

ମୁନିଗୁଡ଼ା ଶୌଣ୍ଡିକ ମଙ୍ଗଳ ଭବନ ପରିସରରେ ରାଷ୍ଟ୍ରୀୟ ଆଧ୍ୟାତ୍ମିକ ସମାବେଶ ଓ ସନ୍ଥ ସମ୍ମିଳନୀ ଏବଂ ୧୦୦୮ କୁଣ୍ଡ ବୈଦିକ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମୁନିଗୁଡ଼ା ଆଧ୍ୟାତ୍ମିକ ସେବା ଓ ସୋସିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଏବଂ ମୁନିଗୁଡ଼ା ଆଦିତ୍ୟ ବାହିନୀ ଦ୍ୱାରା ପରିଚାଳିତ ମୁନିଗୁଡ଼ା ବ୍ଲକ୍ ଭାଗବତ ତୁଙ୍ଗି ସମୂହ ଏବଂ ଚନ୍ଦ୍ରପୁର ବ୍ଲକ୍ ମିନାଝୁଲାର ଜନକାନନ୍ଦ ଆଶ୍ରମ ମିଳିତ ତତ୍ତ୍ୱାଧାନରେ କାର୍ଯ୍ୟକ୍ରମ ଆୟୋଜିତ ହେବ। ଆଧ୍ୟାତ୍ମିକ ସେବା ଓ ସାମାଜିକ ଟ୍ରଷ୍ଟ ସଂସ୍ଥାପକ ଡ. ହରିଭାଇ ଆର୍ଯ୍ୟନ ଏବଂ ମୀନାଝୁଲା ଜନକାନନ୍ଦା ଆଶ୍ରମର ସ୍ୱାମିଜୀ ଜାନକାନନ୍ଦ ଗିରିଙ୍କ ଅଧ୍ୟକ୍ଷତା ଓ ସାମାଜିକ କର୍ମୀ ଡା ଗୌରାଙ୍ଗ ଚରଣ ରାଉତଙ୍କ ସଂଯୋଜନାରେ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ଏଥିରେ ରାମଚନ୍ଦ୍ର ବେହେରା, ରାମକୃଷ ପଣ୍ଡା, ଜାମୀ ମହେଶ, ପ୍ରମୋଦ ସାହୁକାର, ପ୍ରଗତି ମଞ୍ଚର ସଭାପତି ଗଣେଶ୍ୱର ରାଓ, ସହ ସମ୍ପାଦକ ମନୋରଞ୍ଜନ ଦଳାଇ, ପ୍ରେସ୍ କ୍ଲବ୍ ସମ୍ପାଦକ ନନ୍ଦକିଶୋର ପଟ୍ଟନାୟକଙ୍କ ସହ ଅନ୍ୟମାନେ ଆଲୋଚନା କରିଥିଲେ। ଜାନୁଆରୀ ୧୧ରେ କଳସୀ ଯାତ୍ରା, ସମାବେଶ ଉଦ୍‌ଘାଟନ ସମାରୋହ ଏବଂ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ରହିଛି। ୧୨ରେ ସାମୂହିକ ଯୋଗାସନ, ୧୦୦୮ କୁଣ୍ଡିୟ ବୈଦିକ ଯଜ୍ଞ, ୧୩ରେ ରାଷ୍ଟ୍ରୀୟ ସନ୍ଥ ସମ୍ମିଳନୀ, ବିଶିଷ୍ଟ ୧୦୮ ସନ୍ଥଙ୍କୁ ସମ୍ବର୍ଦ୍ଧନା ଓ ଉଦ୍‌ଯାପନୀ ଉତ୍ସବରେ ରାଷ୍ଟ୍ରୀୟ ଆଧ୍ୟାତ୍ମିକ ସେବାରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଯୋଗଦାନ ପାଇଁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀ ଆସିବା ନେଇ ଯୋଗାଯୋଗ ହେଉଥିବା ସୂଚନା ଦିଆଯାଇଛି ।

# ୮ ବର୍ଷ ପରେ ନିଖୋଜ ମୂକ, ବଧିର ନାବାଳିକା ଉଦ୍ଧାର

ଗୁଣପୁର,୧୩।୧୧(ପ୍ରଦୀପ କୁମାର ପାଢ଼ୀ)

ନିଖୋଜର ୮ ବର୍ଷ ପରେ ଗୁଣପୁର ବ୍ଲକ ଅଧୀନ ଲାଞ୍ଜିଆ ସୌରା ଅଞ୍ଚଳର ଜଣେ ମୂକ,ବଧିର ନାବାଳିକା ଉଦ୍ଧାର ହୋଇ ଘରକୁ ଫେରିଛନ୍ତି। ଗୁଣପୁର ବ୍ଲକ ଟଲଣା ପଞ୍ଚାୟତ ବଡମାସିଂ ଗ୍ରାମର ନାବାଳିକା ପିଲାବେଳୁ ଭିନ୍ନକ୍ଷମ ଥିବାରୁ ପରିବାର ଲୋକେ ତାଙ୍କୁ ବାଲେଶ୍ୱର ମୁକ ବଧିର ବିଦ୍ୟାଳୟରେ ଶିକ୍ଷା ପାଇଁ ଛାଡିଥିଲେ। ସେଠାରୁ ସେ ନିଖୋଜ ହୋଇଯାଇଥିବା ଅନୁଷ୍ଠାନ ପକ୍ଷରୁ ପରିବାର ଲୋକଙ୍କୁ ଅବଗତ କରାଯାଇଥିଲା। ଏ ନେଇ ୨୦୧୬ରେ ଝିଅର ମା'ବାପା ପୁଟାସିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଭିନ୍ନକ୍ଷମ ବାଳିକାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ସେଠାକାର ପୋଲିସ ଭୁବନେଶ୍ୱରର ଆଉ ଏକ ମୁକ ବଧିର ବିଦ୍ୟାଳୟରେପହଞ୍ଚାଇଥିଲେ। ସେଠାରେ ନାବାଳିକା ରହୁଥିବାବେଳେ ତାଙ୍କର ଭତ୍ତା ଟଙ୍କା ଉଠାଇବା ସକାଶେ ଜନସେବା କେନ୍ଦ୍ରକୁ ଯାଇଥିଲେ । ଟିପ ଚିହ୍ନ ଦେବା ସମୟରେ ଝିଅଟି ବାଲେଶ୍ୱର ମୁକ ବଧିର ଶିକ୍ଷା ଅନୁଷ୍ଠାନର ଛାତ୍ରୀ ବୋଲି ପରିଚୟ ମିଳିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଟଲଣା ସରପଞ୍ଚ ସନ୍ତୋଷିନି ଶବରଙ୍କ ଦ୍ୱାରା ତାଙ୍କ ପରିବାର ସହ ଯୋଗାଯୋଗ କରିଥିଲେ। ସରପଞ୍ଚ ଓ ତାଙ୍କ ପରିବାର ଲୋକେ ମଙ୍ଗଳବାର ବାଲେଶ୍ୱର ଯାଇ ଝିଅକୁ ଘରକୁ ଫେରାଇ ଆଣିଥିଲେ।

# ଶେଷ ଦିନରେ ଜଳିଲା କୋଟିଏ ଦୀପ

## କୋଟି ଦୀପ ଆରାଧନା କାର୍ଯ୍ୟକ୍ରମ ଉଦ୍‌ଯାପିତ

ଗୁଣପୁର,୧୩।୧୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସହର ବାଘୁଆ ଦେଉଳ ପଛ ପଟ ବଂଶଧାରା ବସନ୍ତ ମହୋତ୍ସବ ପଡିଆରେ ଅନୁଷ୍ଠିତ କୋଟିଦୀପ ଆରାଧନା ଓ ପଞ୍ଚଦିବସୀୟ ଶିବ କେଶବ ପୂଜା କାର୍ଯ୍ୟକ୍ରମ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିନରେ ପଡିଆରେ କୋଟିଏ ଦୀପ ଜଳିଥିଲା। କାର୍ଯ୍ୟକ୍ରମରେ ଏମ୍‌ପି ସପ୍ତଗିରି ଉଲ୍ଲାକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଧାୟକ ସତ୍ୟଜିତ୍ ଗମାଙ୍ଗ, ପୌରାଧ୍ୟକ୍ଷା ମମତା ଗୌଡ, ଉପାଧ୍ୟକ୍ଷ ଶିବ ପ୍ରଶାଦ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ। ୮ରୁ ଆରମ୍ଭ ହୋଇଥିବା ଏହି ପୂଜା ୫ଦିନ ଧରି ଚାଲିଥିବା ବେଳେ ଏଥିରେ ବହୁ ସଂଖ୍ୟାରେ ମହିଳା ଭାଗନେଇଥିଲେ। ପ୍ରଥମ ଦିନ ଗୁଣପୁର ସମେତ ଅବିଭକ୍ତ କୋରାପୁଟ ଜିଲା ଓ ଆନ୍ଧ୍ରର ବିଭିନ୍ନ ଅଞ୍ଚଳରୁ ଶତାଧିକ ମହିଳା ଆସି ଦାଣ୍ଡିଆ ନୃତ୍ୟ କରିଥିଲେ। ପ୍ରଥମ ଦିନ ଗଣପତି ହୋମ, ଜଗନ୍ନାଥ ଆରାଧନା ଓ ଗଣେଶ ଆରାଧନା କରାଯିବା ପରେ ସାମୁହିକ ସତ୍ୟ ନାରାୟଣ ବ୍ରତ, ଶିବ କଲ୍ୟାଣ ପୂଜା ଓ ଶେଷରେ ରୁଦ୍ରାକ୍ଷ ଅର୍ଚ୍ଚନା ସହ ପ୍ରତ୍ୟେକ ଦିନ ରୁଦ୍ରାଭିଷେକ ପୂଜା ଅନୁଷ୍ଠିତ ହୋଇଥିଲା। ପ୍ରଥମ କରିସହରରେ ଏତେବଡ କାର୍ଯ୍ୟକ୍ରମ ହୋଇଥିବାରୁ ସହରବାସୀ ଉତ୍ସାହିତ ହୋଇଥିଲେ। ପଡୋଶୀ ଆନ୍ଧ୍ର ଓ ପାରଳାଖେମୁଣ୍ଡିରୁ ଆସିଥିବା ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଦର୍ଶକଙ୍କ ମନ ମୋହିଥିଲା। ଆନ୍ଧ୍ରର ତିରୁପତି, ସୀମାଞ୍ଚଳ, ଆନାବରମ, କୋଟାବମାଲି ଇତ୍ୟାଦି ସ୍ଥାନରୁ ପ୍ରାୟ ୧୧ ଜଣ ପୂଜକ ଆସିଥିବା ବେଳେ ବରିଷ୍ଠ ପୂଜକ ଏସ୍.ପ୍ରଦୀପ ଶର୍ମାଙ୍କ ପରିଚାଳନା କ୍ରମେ ପୂଜା କାର୍ଯ୍ୟ ହୋଇଥିଲା । ତାଙ୍କୁ ସ୍ଥାନୀୟ ପୂଜକ ରାମ୍ପା ଶ୍ରୀନିବାସ ଶର୍ମା ସହାୟତା କରିଥିଲେ। ଏସବୁ କାର୍ଯ୍ୟକ୍ରମକୁ ମହିଳା ସେବକ ଭାବେ ଚିନ୍ନାରୀ ସୁଦ୍ଧା, ସୁବୁଦ୍ଧି ଶ୍ୱେତା, ତାଗୁଡୁ ଲକ୍ଷ୍ମୀ, ଓନା. ଶର୍ମିଳା, ପି. ପ୍ରୀତି, ପି. ସଙ୍ଗୀତା ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଉମା ଚରଣ ପଟ୍ଟନାୟକ, ଜାମି ରାଜୁ, ଭୈରବ ବେହେରା, ସୁବୁଦ୍ଧି ନଗେଶ, କୋଟନୀ ଶ୍ରୀରାମ୍ମୂର୍ତ୍ତି, ଏସ୍. ବାବା ପ୍ରସାଦ, ସିଏଚ୍. ଶ୍ରୀନିବାସ, ଏସ. ଗଣପତି ରାଓଙ୍କ ସମେତ ଶତାଧିକ ସେବକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବବିତା ଗମାଙ୍ଗ ଓଡ଼ିଆ ଭାଷାରେ ଓ ବିଶାଖାପାଟଣାର ଅଞ୍ଜଳି ରେଡ୍ଡି ତେଲୁଗୁ ଭାଷାରେ ଉଦ୍‌ଘୋଷିକା ଦାୟିତ୍ୱ ତୁଲାଇଥିଲେ।


କାର୍ଯ୍ୟକ୍ରମରେ ମହିଳା ଭକ୍ତଙ୍କ ସମାଗମ।

# 'ଆଦିବାସୀ ଶିଶୁଙ୍କ ପ୍ରତିଭା ଆଉ ବଣମଲ୍ଲୀ ହୋଇ ରହିନାହିଁ'

## ବିଭିନ୍ନ ସ୍ଥାନରେ ଶିଶୁ ମହୋତ୍ସବ ସର୍ଗିଫୁଲ

ପଦ୍ମପୁର/ଗୁଣପୁର/ଟିକିରି, ୧୩।୧୧
(ପ୍ରଶାନ୍ତ କୁମାର କର/ ପ୍ରଦୀପ କୁମାର ପାଢ଼ୀ/ ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ଅନୁଷ୍ଠିତ ହୋଇଛି। ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଖିଲାମଣ୍ଡା ସରକାରୀ ଅନୁସୂଚୀତ ଜନଜାତି ଓଜାତି ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକ୍ ସମାଜ ମଙ୍ଗଳ ଅଧିକାରୀ ସସ୍ମିତା ରଥଙ୍କ ସଭାପତିତ୍ୱରେ ସର୍ଗୀଫୁଲ-୨୦୨୪ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ ଯୋଗଦେଇ ଆଦିବାସୀ ଶିଶୁଙ୍କ ଲୁକ୍କାୟିତ ପ୍ରତିଭା ଆଉ ବଣମଲ୍ଲୀ ହୋଇ ଆଦିବାସୀ ଇଲାକାରେ ରହିନାହିଁ, ତାହା ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ପ୍ରତିଭା ପ୍ରଦର୍ଶିତ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ମଣିମାଳା ଶବର, ସମିତି ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଆଖୁ ସିଂ ସରପଞ୍ଚ ପୂର୍ଣ୍ଣବାସୀ ଶବର, ବାଳିକା ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ସୁନୀଲ ପାଢ଼ୀ, ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ କୁମକୁମ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ।


କାଶୀପୁର ବ୍ଲକ୍‌ସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ସେହିପରି ଗୁଣପୁର ବ୍ଲକ୍‌ସ୍ତରୀୟ ସର୍ଗିଫୁଲ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ ଶୁଭ୍ରାଞ୍ଜଳୀ ପ୍ରଧାନ, ମୁଖ୍ୟବକ୍ତା ରୂପେ ବିଇଓ ପ୍ରତିଶୃତି ସିଂ, ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଏସ୍.ସୁରଜ ନାୟକ, ମଣ୍ଡଳ ଶିକ୍ଷାଧୀଶ ଶ୍ୟାମଘନ ଭୂୟାଁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା ମଞ୍ଚାସୀନ ଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା, ମୁଖ୍ୟବକ୍ତା ରୂପେ ବିଧାୟକ ସତ୍ୟଜିତ ଗମାଙ୍ଗ, ସମ୍ମାନିତ ଅତିଥି ରୂପେ ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ଼, ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ଼, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଦର୍ଶନ ଶବର ମଞ୍ଚାସୀନ ଥିଲେ। ଏଥିପାଇଁ ବକ୍ତୃତା, ତର୍କ, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ଏକକ ଅଭିନୟ ଓ ଭଲିବଲ ଅନୁଷ୍ଠିତ ହୋଇଥିଲା। ରଙ୍ଗମଞ୍ଚରେ ସଙ୍ଗୀତ, ଏକକ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ନରସିଂହ ଶତପଥି, ପ୍ରିୟା କୁମାରୀ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥିଙ୍କୁ ସର୍ଗିଫୁଲ କମିଟି ତରଫରୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

କାଶୀପୁର ବ୍ଲକ୍‌ସ୍ତରୀୟ ସର୍ଗିଫୁଲ ଗୋରଖପୁର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। କାଶୀପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅକ୍ଷୟ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଟ ୧୯୨ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କଣ୍ଡ ମାଝୀ, ମୁଖ୍ୟବକ୍ତା ଭାବେ ରାୟଗଡ଼ା ଶିକ୍ଷା ମଣ୍ଡଳାଧିଶ ଶ୍ୟାମଘନ ଭୂୟାଁ ଯୋଗଦେଇଥିଲେ । ଥୁଟିବର ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ ।

**ସଂକ୍ଷେପରେ**

## ବିଶ୍ୱ ମଧୁମେହ, ବିଶ୍ୱ ଏଡ୍ସ୍ ଦିବସ ଉପଲକ୍ଷେ ପ୍ରତିଯୋଗିତା

ନବରଙ୍ଗପୁର, ୧୩।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ସଦର ମହାକୁମ୍ଭା ଡାକ୍ତରଖାନା ବୈଠକ ଗୃହରେ ମଧୁମେହ ତଥା ବିଶ୍ୱ ଏଡ୍ସ ଦିବସ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତା ପରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ନବକିଶୋର ବେହେରା ମଧୁମେହ, ଏଚ୍‌ଆଇଭି ଓ ଏଡ୍ସ ଜନିତ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଡିଆଇପିଆର୍‌ଓ ମନୋଜ ବେହେରା, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ସୁକାନ୍ତ ଶତପଥୀ, ଜିଲା ମୁଖ୍ୟ ଚିକିତ୍ସାଳୟ ଏଆର୍‌ଟି-ଆଇସିଟିସି-ଡିଏସ୍‌ଆର୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଟି.ପଲ୍ଲବୀ, ଜିଲା ଆଶା ପରିଚାଳକ ସଂଗ୍ରାମ ପଣ୍ଡା ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। କ୍ଲଷ୍ଟର୍ କାର୍ଯ୍ୟକ୍ରମ ପରିଚାଳକ ଚନ୍ଦ୍ରଶେଖର ପଟ୍ଟନାୟକ, ଏଫ୍‌ଏସ୍‌ଡବ୍ଲୁଟି ଆଇ ପ୍ରକଳ୍ପ ନିର୍ଦ୍ଦେଶକ ହରେକୃଷ୍ଣ ସାବତ, ମାଇକ୍ରୋବାୟୋଲୋଜିଷ୍ଟ ରାଜା ଦତ୍ତ କାର୍ଯ୍ୟକ୍ରମରେ ପରିଚାଳନାରେ ସହଯୋଗ କରିଥିଲେ। ସହାୟକ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରାମହରି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମଣ୍ଡେଇ ପାଳନ ପ୍ରସ୍ତୁତି ବୈଠକ

ତେନ୍ତୁଳିଖୁଣ୍ଟି, ୧୩।୧୧(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସାଂସ୍କୃତିକ ଉତ୍ସବ ମଣ୍ଡେଇ ଉଦ୍‌ଘାଟନୀ ଉତ୍ସବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ କରାଯାଇଛି। ନନ୍ଦାହାଣ୍ଡି ବ୍ଲକ ଧଣ୍ଡରାରେ ଶୈବ ପୀଠରେ ହେବାକୁ ଥିବା ଉଦ୍‌ଘାଟନ ସମାରୋହକୁ ତେନ୍ତୁଳିଖୁଣ୍ଟି, ନନ୍ଦହାଣ୍ଡି ଓ ନବରଙ୍ଗପୁର ବ୍ଲକ ମିଳିତ ଭାବେ ଆୟୋଜନ କରିବେ ବୋଲି ବୈଠକରେ ସ୍ଥିର ହୋଇଛି। ଏଥିପାଇଁ ଅର୍ଥ ସଂଗ୍ରହ, ଅତିଥି ସତ୍କାର, ସାଂସ୍କୃତିକ ମଞ୍ଚ ଆଦି ଦଶରୁ ଊର୍ଦ୍ଧ୍ୱ କମିଟି ଗଠନ କରାଯାଇଛି। ସହକାରୀ ନିର୍ବାହୀ ଯନ୍ତ୍ରୀ ଶଙ୍କର ଭାଡକେ, ତହସିଲଦାର ଯୁଗଳ କିଶୋର ପଟ୍ଟନାୟକ, କନିଷ୍ଠଯନ୍ତ୍ରୀ କ୍ରାନ୍ତି ପଟ୍ଟନାୟକ ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ, ସିଡିପିଓ ବିନିତ ଜେଥି, ଏବିଇଓ ମୋହନ ମଧୁସୂଦନ ବାଗ, ଇନ୍ଦ୍ରାବତୀ ଡ୍ୟାମ ସର୍କଲ ନିର୍ବାହୀ ଯନ୍ତ୍ରୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ମଣ୍ଡେଇ ପାଇଁ ବିଭିନ୍ନ ଉତ୍ସରୁ ଅର୍ଥ ସଂଗ୍ରହ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ରହିଥିଲା। ଏଥିରେ ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀଙ୍କୁ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ସହଯୋଗ କରିବେ ବୋଲି ସ୍ଥିର ହୋଇଛି। ପ୍ରତି ବିଭାଗକୁ ଏକ ନିର୍ଦ୍ଦିଷ୍ଟ ପରିମାଣ ଅର୍ଥ ସଂଗ୍ରହ ପାଇଁ ଦାୟିତ୍ୱ ଦିଆଯାଇଛି। ଏହି ଉତ୍ସବରେ ସମସ୍ତେ ହଳଦିଆ ରଙ୍ଗର ପୋଷାକ ପରିଧାନ କରିବା ପାଇଁ ବିଧାୟକ ଗୌରୀଶଙ୍କର ମାଝୀ ପୂର୍ବ ବୈଠକରେ ସ୍ଥିର କରିଥିବା ନେଇ ବିଡିଓ ସୂଚନା ଦେଇଥିଲେ।

# ବିଦ୍ୟୁତ୍ କର୍ମଚାରୀଙ୍କ ଧର୍ମଘଟ

ପାପଡ଼ାହାଣ୍ଡି, ୧୩।୧୧
(ସ୍ୱପ୍ନଜିତ ପଟ୍ଟନାୟକ)

ମାସିକ ଦରମା ପ୍ରଦାନରେ ବିଳମ୍ବ ଅଭିଯୋଗରେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ଲାଇନ ମ୍ୟାନ ଓ ହେଲ୍‌ପରମାନେ ବୁଧବାର ସହକାରୀ ଯନ୍ତ୍ରୀଙ୍କ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଠିକ୍ ସମୟରେ ଦରମା ନ ଦେଲେ ଜରୁରୀକାଳିନ କାର୍ଯ୍ୟ ଓ ବିଦ୍ୟୁତ୍ ମିଟର ରିଡିଙ୍ଗ କରିବୁ ନାହିଁ ବୋଲି ସେମାନେ ଚେତାବନୀ ଦେଇଥିଲେ। ଉପରିସ୍ଥ ଅଧିକାରୀ ନିର୍ଦ୍ଦେଶ ଜାରି କରିବା ପରେ ଅପରାହ୍ନ ୨.୩୦ପରେ ଧର୍ମଘଟ ହଟିଥିବା ସୂଚନା ମିଳିଛି।

ପାପଡ଼ାହାଣ୍ଡି ବିଦ୍ୟୁତ ସେକ୍ସନ ଅଧୀନରେ ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଅଭିଯୋଗ କରିଛନ୍ତି ଯେ ଏଚ୍‌ଏସ୍ ପାୱାର ପ୍ରାଇଭେଟ ଲିମିଟେଡ୍ ପ୍ରତେକ ମାସରେ ବିଳମ୍ବରେ ଦରମା ପ୍ରଦାନ କରୁଛି। ଧାର୍ଯ୍ୟ ତାରିଖ ୧୦ ଥିବା ବେଳେ ୧୩ ରୁ ୧୫ ତାରିଖ ପରେ ବି ଦରମା ମିଳୁନି। ଯାହାକୁ ନେଇ କର୍ମଚାରୀମାନେ ଅସନ୍ତୋଷ ଜାରି କରିଥିଲେ। ଦରମା ବିଳମ୍ବ ଯୋଗୁ ସେମାନଙ୍କ ଘର ଚଳିବା କଷ୍ଟକର ହେଉଥିବାବେଳେ ଠିକ ସମୟରେ ଦରମା କାହିଁକ ଦିଆଯାଉନାହିଁ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଠିକ ସମୟରେ ଦରମା ମିଳିବା ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିବା ଯାଏ ଧର୍ମଘଟ ଚାଲିବ ବୋଲି ସେମାନେ କହିଥିଲେ। ଅପରାହ୍ନରେ ପ୍ରତିଶୃତି ପାଇବା ପରେ ଧର୍ମଘଟ ହଟିଛି । କିନ୍ତୁ ରାତି ସୁଦ୍ଧା ଦରମା ନ ମିଳିଲେ ଗୁରୁବାର ପୁଣି ଥରେ ଧର୍ମଘଟ ଜାରି ରହିବ ବୋଲି ଉମାଶଙ୍କର ପରିଚ୍ଛା, ସଂଗ୍ରାମ ନାୟକ, ବଳରାମ ପାଇକ, ହିମାଂଶୁ ଭୂଷଣ ଆଚାର୍ଯ୍ୟ, ଥବିର ଭତରା, ଯଦୁ ଭତରା, ସୁରେନ୍ଦ୍ର ବିଷୋୟୀ, ଗୋପସୁନ୍ଦର ପାଇକ, ହରି ଚାଲାଣ, ହୃଷିକେଶ ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି।



ଧର୍ମଘଟରେ ସାମିଲ ବିଦ୍ୟୁତ୍ କର୍ମଚାରୀ।

## ଗଣଶିକ୍ଷା ସଚିବଙ୍କ ସହ ବ୍ଲକ୍ ଗ୍ରାଣ୍ଟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘର ଆଲୋଚନା

ନବରଙ୍ଗପୁର, ୧୩।୧୧(ସଦାଶିବ ପ୍ରହରାଜ)

ବ୍ଲକ ଗ୍ରାଣ୍ଟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘର ସଦସ୍ୟଙ୍କ ସହ ଗଣଶିକ୍ଷା ସଚିବ ସାଲିନୀ ପଣ୍ଡିତ ଆଲୋଚନା କରିଛନ୍ତି। ସଂଘର ୩ ଜଣ ପ୍ରତିନିଧି କିଶୋର ଚନ୍ଦ୍ର ମହାନ୍ତି, ଅଶୋକ କୁମାର ଲେଙ୍କା ଓ ମାନଭଞ୍ଜନ ମହାପାତ୍ର ସଚିବଙ୍କ ସହିତ ଆଲୋଚନା କରିଥିଲେ। ଦୀର୍ଘଦିନ ଧରି ଦାବି ହୋଇ ଆସୁଥିବା ପେନସନ ଓ ପେନ୍ସନାରୀ ବେନିଫିଟ ସମ୍ପର୍କରେ ଆଲୋଚନା କରାଯାଇଛି। ୩୦ରୁ ୩୫ ବର୍ଷ ଶିକ୍ଷକତା କରି ଅବସର ନେବା ପରେ ମଧ ଟଙ୍କାଟିଏ ପେନସନ ମିଳୁନାହିଁ। ଚାକିରୀ ସମୟରେ ମୃତ୍ୟୁବରଣ କଲେ ମଧ କୌଣସି ଅନୁକମ୍ପା ମୂଳକ ନିଯୁକ୍ତି ଦିଆଯାଉ ନାହିଁ। ଅବସର ନେଲା ପରେ ବିଦ୍ୟାଳୟମାନଙ୍କରେ କୌଣସି ଶିକ୍ଷକ ପଦବୀ ପୂରଣ କରାଯାଉନାହିଁ। ବିଭିନ୍ନ ଆନ୍ଦୋଳନ ପରେ ମଧ ସରକାର କର୍ଣ୍ଣପାତ କଲେ ନାହିଁ। ପେନସନ ସମ୍ବନ୍ଧୀୟ ନ୍ୟାୟାଳୟର ସ୍ପଷ୍ଟ ନିର୍ଦ୍ଦେଶନାମା ଥିଲେ ମଧ ସରକାର ତାହାକୁ କାର୍ଯ୍ୟକାରୀ କଲେ ନାହିଁ। ସରକାରଙ୍କ ପକ୍ଷରୁ ୧୧ ତାରିଖ ଦିନ ଚିଠି ନମ୍ବର ୨୮୦୫୦ ଅନୁଯାୟୀ ସଂଘର କର୍ମକର୍ତ୍ତାଙ୍କ ସହିତ ସଚିବ ଆଲୋଚନା କରିବାପରେ ବ୍ଲକ ଗ୍ରାଣ୍ଟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର ହୋଇଛି। ସଂଘ ଗୋଟିଏ ଦାବିକୁ ନେଇ ବିଭିନ୍ନସ୍ତରରେ ଆଲୋଚନା ଜାରି ରଖିଛି।

# କାର୍ଯ୍ୟରେ ଅବହେଳା ଅଭିଯୋଗରେ ୫ ଶିକ୍ଷକଙ୍କ ଦରମା ବନ୍ଦ

ନବରଙ୍ଗପୁର, ୧୩।୧୧(ସଦାଶିବ ପ୍ରହରାଜ)

କାର୍ଯ୍ୟରେ ଅବହେଳା ଓ ବିନା ଛୁଟିରେ ସ୍କୁଲରେ ଅନୁପସ୍ଥିତ ରହିବା ନେଇ ଜିଲା ଶିକ୍ଷା ଅଧିକାରୀ ୫ ଜଣ ଶିକ୍ଷକଙ୍କ ଦରମା ବନ୍ଦ କରିଛନ୍ତି। ୩ ଦିନ ମଧ୍ୟରେ କାରଣ ଦର୍ଶାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ରାଇଘର ବ୍ଲକ୍ ଗୋଛାଗୁଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଏଡିଇଓ ରେଶମ ଲାଲ ନାୟକ ଓ ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ବିଦ୍ୟାଳୟ ପରିଦର୍ଶନକୁ ଯାଇଥିଲେ। ହିନ୍ଦୀ ଶିକ୍ଷକ ରାକ୍ଷୀ ମଣ୍ଡଳ ୭ ତାରିଖରୁ ଓ ଟିଜିଟି ଆର୍ଟ୍ସ ଶିକ୍ଷକ ପ୍ରକାଶ ବାଗ ୪ ତାରିଖରୁ ବିଦ୍ୟାଳୟରେ ବିନା ଛୁଟିରେ ଅନୁପସ୍ଥିତ ଥିବା ଜାଣିବାକୁ ପାଇଥିଲେ। ଏନେଇ ସେମାନେ ଡିଇଓଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ବୁଧବାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନମ୍ବର ୫୯୩୬ ଅନୁଯାୟୀ ହିନ୍ଦୀ ଶିକ୍ଷକ ମଣ୍ଡଳଙ୍କ ୭ରୁ ୯ ତାରିଖ ଓ ଟିଜିଟି ଆର୍ଟ୍ସ ଶିକ୍ଷକ ବାଗଙ୍କ ୪ରୁ ୯ ତାରିଖ ପର୍ଯ୍ୟନ୍ତ ଦରମା ବନ୍ଦ କରାଯାଇଛି। ଏହା ସମେତ ପ୍ରଧାନ ଶିକ୍ଷକ ଅଭିରାମ ଲେଙ୍କାଙ୍କ ୩ ଦିନ ମଧ୍ୟରେ ରିପୋର୍ଟ ଦେବାକୁ କାରଣ ଦର୍ଶାଅ ନୋଟିସ କରାଯାଇଛି। ସେହିଭଳି ମଙ୍ଗଳବାର ଚନ୍ଦାହାଣ୍ଡି ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶୁଣାଣି ସରିବା ପରେ ଏଡିଇଓ ନାୟକ ଝରିଗାଁ ବ୍ଲକ ଧଙ୍ଗଡ଼ାମାଲ ପ୍ରାଥମିକ ବିଦ୍ୟାଳୟକୁ ଅପରାହ୍ନ ୩ଟା ୪୦ରେ ପରିଦର୍ଶନ କରିବାକୁ ଯାଇଥିଲେ। ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ପରୀକ୍ଷା ଅଭ୍ୟାସ କରାଯାଉ ନ ଥିଲା। ସେହିଭଳି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଉପସ୍ଥାପନ ୫୭ ଥିଲା। କିନ୍ତୁ ବାସ୍ତବରେ ୩୦ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିଭଳି ୫ମ ଶ୍ରେଣୀ ପିଲାଙ୍କ ଓଡ଼ିଆ କାର୍ଯ୍ୟ ପୁସ୍ତିକା ଶିକ୍ଷୟିତ୍ରୀ ଶିକ୍ଷକମାନେ ଦେଖୁନାହାନ୍ତି। ଏନେଇ ଏଡିଏଓ ଜିଲା ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନମ୍ବର ୫୯୩୮ ଅନୁଯାୟୀ ପ୍ରଧାନ ଶିକ୍ଷୟିତ୍ରୀ ଲାବଣ୍ୟ ମାଝୀ, ସହକାରୀ ଶିକ୍ଷକ ଦୀପକ ମାହୁତି ଓ ସନ୍ତୋଷିନୀ ମଲ୍ଲିକଙ୍କ ୧୨ ତାରିଖ ଗୋଟିଏ ଦିନର ଦରମା ବନ୍ଦ କରାଯାଇଛି। ଏହା ସମେତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ରହିଛି।

## ବ୍ଲକସ୍ତରୀୟ ପରବ ନେଇ ପ୍ରତିଯୋଗିତା

ଜୟପୁର, ୧୩।୧୧(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକସ୍ତରୀୟ ପରବ ଅବସରରେ ବିଭିନ୍ନ ପ୍ରତିଯୋଗତା କରାଯାଇଛି। ଆମ୍ବାଗୁଡ଼ା ମିନି ଷ୍ଟାଡିୟମ ଓ ଆମ୍ବାଗୁଡା ହାଇସ୍କୁଲରେ ଏହା ଉଦ୍‌ଘାଟିତ ହୋଇଛି। ଜୟପୁର ବ୍ଲକ ଅଧ୍ୟକ୍ଷ ତିଳୋତ୍ତମା ମୁଦୁଲି, ବିଡିଓ ଶକ୍ତି ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ଜିପିଓ ଭାଗିରଥୀ ନାୟକ, ଏପିଓ ସନ୍ତୋଷୀ ମହାପାତ୍ରଙ୍କ ସହ ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପଞ୍ଚାୟତସ୍ତରରୁ ଉତ୍ତୀର୍ଣ୍ଣ କୃତୀ ପ୍ରତିଯୋଗୀଙ୍କୁ ନେଇ ବ୍ଲକସ୍ତରରେ ବକ୍ତୃତା, ପ୍ରବନ୍ଧ, ଗୀତ, ରଚନା, କ୍ରୀଡ଼ା ଓ ଦୌଡ଼କୁଦ ପ୍ରତିଯୋଗିତା କରାଯାଇଛି।

## ଖଡ଼ିଆଳ ପଟ୍ଟାୟତ ନୀଳଲୋହିତ, କବି ହରପ୍ରସାଦଙ୍କୁ ଭାଗୀରଥି ସମ୍ମାନ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ନବରଙ୍ଗପୁର, ୧୩।୧୧
(ସଦାଶିବ ପ୍ରହରାଜ)

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଭାଗୀରଥି ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରାଜା ଚୈତନ୍ୟ ଦେବ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ ଗୃହରେ ସାହିତ୍ୟିକ ଭାଗୀରଥି ପାତ୍ରଙ୍କ ୮୬ତମ ଜୟନ୍ତୀ ଓ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲା ଓ ଦୌରାଜଜ୍ ସୁବ୍ରତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଗୀରଥି ପାତ୍ରଙ୍କ ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ରହିଥିବା ସାଧନା ସମ୍ପର୍କରେ କହିଥିଲେ। ନବରଙ୍ଗପୁରରେ ଏକ ଉଚ୍ଚମାନର ପାଠାଗାରର ଆବଶ୍ୟକତା ରହିଛି। ଏଥିପାଇଁ ଜିଲାବାସୀ ଉଦ୍ୟମ କରନ୍ତୁ ବୋଲି ମୁଖ୍ୟ ଅତିଥି କହିଥିଲେ। ଖଡ଼ିଆଳ ରାଜବଂଶର ପଟ୍ଟାୟତ ନୀଳଲୋହିତ ସିଂହଦେଓ ବିଶିଷ୍ଟ ଅତିଥିଭାବେ ଯୋଗଦେଇ ଭାଗୀରଥି ପାତ୍ରଙ୍କ ସାମଗ୍ରିକ କୃତିକୁ ଏକ ଗ୍ରନ୍ଥାବଳୀ ଭାବେ ପ୍ରକାଶ କରିବାକୁ କହିଥିଲେ। ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ଡ. ସୁରେନ୍ଦ୍ର ନାଥ ଦାଶ ବରେଣ୍ୟ ଅତିଥି, ମୁଖ୍ୟ ବକ୍ତାଭାବେ ଡ. ବିଜୟ କୁମାର ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ପଟ୍ଟାୟତ ନୀଳଲୋହିତ ସିଂହଦେଓ ଏବଂ କବି ହରପ୍ରସାଦ ଦାଶଙ୍କୁ ଭାଗୀରଥି ସମ୍ମାନ ପ୍ରଦାନ କରାଯାଇଛି। ଅଧ୍ୟାପିକା ଡ. ସଂଯୁକ୍ତା ପଣ୍ଡା ମଞ୍ଚ ସଂଯୋଜନା କରିଥିଲେ। କବୟିତ୍ରୀ ପ୍ରଭାସିନୀ ମହାନ୍ତି ଭାଗୀରଥି ପ୍ରବନ୍ଧ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସଂସଦ ସଭାପତି କବି ନାରାୟଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଭାଗୀରଥିଙ୍କ ସଂକ୍ଷିପ୍ତ ଜୀବନୀ ପତ୍ରକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। କବି ମନୋଜ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଗୋପାଳ ଚନ୍ଦ୍ର ମିଶ୍ର ବେଦମନ୍ତ୍ର ପାଠ କରିଥିଲେ। ଯୁଗଳ ତ୍ରିପାଠୀଙ୍କ ସହଯୋଗରେ ଛାତ୍ରୀଛାତ୍ର ଉତ୍କଳ ବନ୍ଦନା ପରିବେଷଣ କରିଥିଲେ। ଅଧ୍ୟାପକ ଅଖିଳ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଂସଦର ସଦସ୍ୟ, ପୂର୍ବତନ ସଦସ୍ୟ, ଆଇନଜୀବୀଙ୍କ ସହ ସହରର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ସରକାରୀ ବ୍ୟାଙ୍କ ଆକାଉଣ୍ଟ ହ୍ୟାକ୍ ଉଦ୍ୟମ

ନବରଙ୍ଗପୁର, ୧୩।୧୧(ସଦାଶିବ ପ୍ରହରାଜ)

ଏକ ସରକାରୀ ବ୍ୟାଙ୍କ ଆକାଉଣ୍ଟକୁ ହ୍ୟାକ୍ ପାଇଁ ଉଦ୍ୟମ ହୋଇଥିଲା। କିନ୍ତୁ ତାହା ବିଫଳ ହୋଇଛି। ସୂଚାନୁଯାୟୀ, ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ଚିଠି ସ୍ପିଡ୍ ପୋଷ୍ଟ ଯୋଗେ ନବରଙ୍ଗପୁର ବ୍ୟାଙ୍କ ଅଫ ଇଣ୍ଡିଆକୁ ଆସିଥିଲା। ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କ ଆକାଉଣ୍ଟରେ ଫୋନ ନମ୍ବର ୭୦୪୪୮୭୭୧୨୭କୁ ଅପଡେଟ୍ କରିବାକୁ ଉକ୍ତ ଚିଠିରେ ଉଲ୍ଲେଖ ଥିଲା। ଏପରି କରିବା ଦ୍ୱାରା ଜିଲାପରିଷଦ ମ୍ୟାନେଜିଂ ଟ୍ରଷ୍ଟିର ଆକାଉଣ୍ଟର ଡେବିଟ୍ ଓ କ୍ରେଡିଟ୍‌ର ସମସ୍ତ ଟ୍ରାଞ୍ଜାକ୍ସନ ସମ୍ବନ୍ଧରେ ଉକ୍ତ ମୋବାଇଲ ନମ୍ବରରେ ଏସ୍‌ଏମ୍‌ଏସ୍ ଆଲାର୍ଟ ଆସିପାରିବ। ସେହି ଚିଠି ରେ ପୂର୍ବତନ ଜିଲାପାଳ କମଳଲୋଚନ ମିଶ୍ର ଓ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଦସ୍ତଖତ ରହିଥିଲା। ଏହି ଚିଠି ଗତ ୧୧ ତାରିଖରେ ହେବା ଭଳି ଦର୍ଶାଯାଇଛିପ। ଦସ୍ତଖତଟି ପୂର୍ବତନ ଜିଲାପାଳଙ୍କ ଦସ୍ତଖତ ସହ ମେଳ ଖାଉଥିଲା। ଦସ୍ତଖତକୁ ନେଇ ବ୍ୟାଙ୍କ ଶାଖା ପରିଚାଳକ ସନ୍ଦେହ ସୃଷ୍ଟି ହୋଇଥିଲା। ଶାଖା ପରିଚାଳକ ଏହି ଚିଠି ସମ୍ବନ୍ଧରେ ଜିଲାପାଳଙ୍କ ନଜରକୁ ଆଣିଥିଲେ। ପରେ ଏହି ଚିଠି ନକଲି ବୋଲି ଜଣାପଡିଥିଲା। ତେବେ ଏହି ଚିଠି ନବରଙ୍ଗପୁର ପୋଷ୍ଟ ଅଫିସରୁ ହିଁ ପଠାଯାଇଥିବା ଜଣାପଡିଛି।

## ୮ ଫୁଟ୍‌ର ଅଜଗର ଉଦ୍ଧାର



ନନ୍ଦାହାଣ୍ଡି, ୧୩।୧୧ (ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ସାଗରମୁଣ୍ଡା ଗ୍ରାମ ନିକଟସ୍ଥ ପୋଖରୀ ହୁଡ଼ା ପାଖରୁ ଏକ ୮ ଫୁଟିଆ ଅଜଗର ଉଦ୍ଧାର କରାଯାଇଛି। ଏତେ ବଡ଼ ସାପକୁ ଦେଖି ଗ୍ରାମବାସୀ ଦେଖି ଡରି ଯାଇଥିଲେ। ଖବରପାଇ ବନବିଭାଗ କର୍ମଚାରୀ ସେଠାରେ ପହଞ୍ଚି ସାପଟିକୁ ଉଦ୍ଧାର କରି ଏକ ସୁରକ୍ଷିତ ସ୍ଥାନରେ ଛାଡି ଥିବା ସୂଚନା ମିଳିଛି। ଆଗାମୀ ଦିନରେ ଏହିଭଳି କିଛି ବନ୍ୟ ଜନ୍ତୁଙ୍କୁ ଦେଖିଲେ ତାହାକୁ କ୍ଷତି ନ ପହଞ୍ଚାଇ ବନ ବିଭାଗକୁ ସୂଚନା ଦେବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯାଇଛି।

# ଜୟପୁରରେ ତୁଳସୀ ବିବାହ

ଜୟପୁର, ୧୩।୧୧(ପବନ ପାଣିଗ୍ରାହୀ)

ଜୟପୁର ସାମନ୍ତରାସାହି ସ୍ଥିତ କଲ୍ୟାଣ ମଣ୍ଡପରେ ବୁଧବାର ତୁଳସୀ ଦେବୀଙ୍କ ସହ ବ୍ରହ୍ମାଣ୍ଡ ନାରାୟଣ ଶ୍ରୀ ଦାମୋଦରଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ଗନ୍ଧକ୍ଷଣ ହୋଇଥିବାବେଳେ ବୁଧବାର ସକାଳ ଆଠଟାରେ କର୍ମାରମ୍ଭ, ୧୦.୩୦ରେ ବାଟବରଣ, ୧୨ଟା ୪୦ରେ ହସ୍ତଗଣ୍ଠି, ସନ୍ଧ୍ୟା ୬ଟାରେ ନଗର ପରିକ୍ରମା ଓ ୭ଟାରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଛି। ତୁଳସୀ ବିବାହରେ ପ୍ରଦୀପ କୁମାର ସାମନ୍ତରାୟ, ସଞ୍ଜୁକ୍ତା ସାମନ୍ତରାୟ କନ୍ୟା ମାତାପିତା, ବରପିତାଭାବେ ସୁବାସ ଚନ୍ଦ୍ର ପାତ୍ର ଓ ମୀନତି ପାତ୍ର ଦାୟିତ୍ୱ ତୁଲାଇ ଥିଲେ। ଶଙ୍ଖ ହୁଳହୁଳି, ବାଜା ବାଜଣାରେ ବିବାହ ସମ୍ପର୍ଣ୍ଣ ହୋଇଛି। ଜୟପୁର ସାମନ୍ତରାସାହି ଶ୍ରୀକୃଷ୍ଣ ଚୈତନ୍ୟ ସଂଘ ପକ୍ଷରୁ ତୁଳସୀ ବିବାହ ଆୟୋଜନ କରାଯାଇଥିଲା।



## ମଣିକଣ୍ଠ ସ୍ୱାମୀ ଭକ୍ତଙ୍କ ଦୀକ୍ଷା ଗ୍ରହଣ

ଡାବୁଗାଁ, ୧୩।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଆୟାପ୍ପା ସ୍ୱାମୀଙ୍କ ମଣିକଣ୍ଠ ଭକ୍ତମାନେ ଦୀକ୍ଷା ଗ୍ରହଣ କରିଛନ୍ତି। ବୁଧବାର ସକାଳୁ ଡାବୁଗାଁ ଶିବ ମନ୍ଦିରରେ ଗୁରୁ ସ୍ୱାମୀ ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କଠାରୁ ୨ ଜଣ ଛୋଟ ପିଲା ମାଳା ଧାରଣ କରିଛନ୍ତି। ଏଥିରେ ୨ ଜଣଙ୍କ ମଧ୍ୟରୁ ଜଣେ ଶାବରିମାତା ଡି. ଦାମିନୀ ଓ ଜଣେ ମଣିକଣ୍ଠ ସ୍ୱାମୀ ଜି. ହେମନ୍ତ ଦିକ୍ଷା ଗ୍ରହଣ କରିଛନ୍ତି। ଛୋଟ ଝିଅଙ୍କୁ ଶାବରୀମାତା ଓ ପୁଅଙ୍କୁ ମଣିକଣ୍ଠ ସ୍ୱାମୀ ବୋଲି କୁହାଯାଇଥାଏ। ଏଥିରେ ଆଶୁତୋଷ ଜେନା, ବାଦଲ ଜେନା, ଚିତ୍ତରଞ୍ଜନ ପାତ୍ର, ଡି. ରାଜେଶ ରାଓ, ଶାନ୍ତନୁ ଖୁଣ୍ଟିଆ, ଜି. ରାଜେଶ ରାଓ, ଜେ. ସୁଦର୍ଶନ ରାଓ, ଏମ୍. ମାଣିକ, ଟି. ଜୁଗୁନୁ ବାବୁ, ଜିତେନ୍ଦ୍ର କୁମାର ଖୁଣ୍ଟିଆଙ୍କ ସମେତ ୨୮ ଜଣ ଭକ୍ତ ଆୟାପ୍ପା ସ୍ୱାମୀମାନେ ଉପସ୍ଥିତ ଥିଲେ।

## ନଭେମ୍ବର ୨୭ରେ ପାପଡ଼ାହାଣ୍ଡି ବ୍ଲକ୍‌ସ୍ତରୀୟ ମଣ୍ଡେଇ

ପାପଡ଼ାହାଣ୍ଡି, ୧୩।୧୧
(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ସଭାଗୃହରେ ବ୍ଲକସ୍ତରୀୟ ମଣ୍ଡେଇ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ବିଡିଓ କପିଳଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ହେମଲତା ମାଝୀ, ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ଅତିରିକ୍ତ ତହସିଲଦାର ସସ୍ମିତା ଜେନା, ଜିପିଓ ଅକ୍ଷୟ ପଟ୍ଟନାୟକ, ସୋମନାଥ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ନଭେମ୍ବର ୨୭ରେ ବ୍ଲକସ୍ତରୀୟ ପରବ ପାଳନ କରାଯିବ। ବ୍ଲକ ପରିସରରେ ମଣ୍ଡେଇ ଉତ୍ସବ ପାଳନ ସହ ବସ୍ତ୍ରାଣ୍ଡ ଦୁର୍ଗାପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଷ୍ଟଲ କରିବା ଲାଗି ଆଲୋଚନା ହୋଇଛି। ଅତିଥି ଭାବେ ମନ୍ତ୍ରୀ, ଏମ୍‌ପି କିମ୍ବା ବିଧାୟକଙ୍କୁ ଡକାଯିବ। ମଣ୍ଡେଇ ଦିନ ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରରୁ ଶୋଭାଯାତ୍ରା ବାହାରିବ। ପ୍ରତେକ ପଞ୍ଚାୟତରୁ ନାଚ ଟ୍ରୁପ୍ ଆଣିବା, ଅଞ୍ଚଳର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଲାଗି ମତ ପ୍ରକାଶ ପାଇଛି। ପୁରସ୍କାର ବିତରଣ ରାତ୍ରିର ଖାଦ୍ୟପେୟ ଆଦି ପରିଚାଳନା ଲାଗି ବିଭିନ୍ନ କମିଟି ଗଠନ କରାଯାଇଛି। କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ସମେତ ସମିତି ସଭ୍ୟ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ନାଲ୍‌କୋର ପରିବେଶ, ଖଣିଜ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଦାମନଯୋଡ଼ି, ୧୩।୧୧(ମାନସ ରଞ୍ଜନ କର)

ନାଲକୋ ପକ୍ଷରୁ ପରିବେଶ ଓ ଖଣିଜ ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଦାମନଯୋଡ଼ି ନାଲ୍‌କୋ ପଞ୍ଚପଟମାଳି ବକ୍ସାଇଟ ଖଣି ଅଞ୍ଚଳ ତାଲିମ କେନ୍ଦ୍ର ପରିସରରେ ଭୂବିଜ୍ଞାନୀ ଏବଂ ସହଯୋଗୀ ଟେକ୍ନୋଲୋଜିଷ୍ଟ ସୋସାଇଟିର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ନାଲକୋ ମାଇନ୍ସର ସମୂହ ମହାପ୍ରବନ୍ଧକ ଭିଏସ୍‌ଏସ୍ ଆନନ୍ଦ ମୁଖ୍ୟ ଅତିଥି, ନାଲ୍‌କୋର ସମୂହ ମହାପ୍ରବନ୍ଧକ ପୁରୁଷୋତ୍ତମ ମହନ୍ତ, ମେକାନିକାଲ ଓ ପରିବେଶ ବିଭାଗର ମହାପ୍ରବନ୍ଧକ ବି.ସି.ରାୟଙ୍କ ସମେତ ଭୁବନେଶ୍ୱରସ୍ଥିତ ଭୂବିଜ୍ଞାନ ଓ ସହଯୋଗୀ ସୋସାଇଟିର ଯୁଗ୍ମ ସମ୍ପାଦକ ଜେ.ଏନ୍. ଦାସ, ସଦସ୍ୟ କେ.ପଟ୍ଟନାୟକ ପ୍ରମୁଖ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ସ୍ଥାନୀୟ ନାଲ୍‌କୋ ପାରିପାର୍ଶ୍ୱିକ ଅଞ୍ଚଳ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଅତିଥିମାନେ ପରିବେଶ ଓ ଖଣି ଅଞ୍ଚଳ ସୁରକ୍ଷା ବିଷୟରେ ସେମାନଙ୍କୁ ସଚେତନବାର୍ତ୍ତା ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ବ୍ୟବହାରିକ ଜ୍ଞାନ ପ୍ରଦାନ ନିମନ୍ତେ ଖଣିଅଞ୍ଚଳକୁ ନିଆଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଏହି ବିଷୟବସ୍ତୁକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ଲିଖିତ ପରୀକ୍ଷା ଓ କୁଇଜ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଦିଆଯାଇଛି। କାର୍ଯ୍ୟକ୍ରମକୁ ନାଲ୍‌କୋ ଖଣି ଅଞ୍ଚଳ ପରିବେଶ ବିଭାଗର ବରିଷ୍ଠ ପ୍ରବନ୍ଧକ ସମୀର ରଞ୍ଜନ ପଟ୍ଟନାୟକ ଓ ଭୂବିଜ୍ଞାନ ବିଭାଗର ବରିଷ୍ଠ ପ୍ରବନ୍ଧକ ମଳୟ କୁମାର ସାହୁ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର।

## ମଣ୍ଡଳସ୍ତରୀୟ ବିଜ୍ଞାନ, ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ: ୧୦୭ ପ୍ରକଳ୍ପ ପ୍ରଦର୍ଶିତ

କୋରାପୁଟ, ୧୩।୧୧(ଅମିତାଭ ବେହେରା)- କୋରାପୁଟ ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ମାଥାଲପୁଟ ମାଲୁସାଉନ୍ତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଓ କନିଷ୍ଠ ବିଭାଗରେ ୧୦୭ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ୨ କୁନିବୈଜ୍ଞାନିକଙ୍କ ଦ୍ୱାରା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ବରିଷ୍ଠ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ବିଜ୍ଞାନ ନିରୀକ୍ଷକ ଅନନ୍ତ ଦଳପତି ,ଜିଲା ପରିଷଦ ମିହିର କୁଳଦୀପ, ମାଥାଲପୁଟ ଏବଂ ଲିଙ୍ଗିଗୁଡ଼ା ସରପଞ୍ଚ ଯୋଗ ଦେଇଥିଲେ। ବିଭିନ୍ନ ପ୍ରସଙ୍ଗରେ ଶ୍ରେଷ୍ଠ ବିବେଚିତ ୭ ପ୍ରକଳ୍ପକୁ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଭାଗ ନେବାକୁ ସୁଯୋଗ ମିଳିଥିବା ଜଣାପଡିଛି। ପୂର୍ଣ୍ଣିମା ପତି ଓ ପ୍ରଦୀପ କୁମାର ପାତ୍ର ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ମାଲୁସାନ୍ତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ରଶ୍ମିରଞ୍ଜନ ସେଠୀ ନେତୃତ୍ୱ ନେଇଥିବା ବେଳେ ଏବିଇଓ ଶିବ ପ୍ରସାଦ ରଥ, ଯସନ ବେନ୍ୟା, ପ୍ରଧାନଶିକ୍ଷକ ଶିବ ଶଙ୍କର ପଟ୍ଟନାୟକ,ନଗେନ୍ଦ୍ର ଜେନା,ବିଜୟ ସାହୁ, ବ୍ଲକର ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପରିଚାଳନାରେ ସହଯୋଗ କରିଥିଲେ।

# ଗୌଡ଼ଗୁଡ଼ା ପରବରେ ପୂଜାର୍ଚ୍ଚନା, ଶୋଭାଯାତ୍ରା ନାଚଗୀତ



ମଶାଲ ଶୋଭାଯାତ୍ରାରେ ଅତିଥି ଓ ଅନ୍ୟମାନେ।

ଲକ୍ଷ୍ମୀପୁର, ୧୩।୧୧(ଅନନ୍ତ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍ ଗୌଡ଼ଗୁଡ଼ା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ପରବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗୌଡ଼ଗୁଡ଼ା ସରପଞ୍ଚ ଭଗବତି ମୁଦୁଲିଙ୍କ ନିମନ୍ତ୍ରଣ କ୍ରମେ ଏଥିରେ ୧୩ ପଞ୍ଚାୟତର ଜନ ପ୍ରତିନିଧି, ଛାତ୍ରୀଛାତ୍ର, କଳାକାର, କ୍ରୀଡାବିତ୍, ଜନସାଧାରଣ, ସାମିଲ ହୋଇଥିଲେ। ଗୌଡ଼ଗୁଡ଼ା ଗ୍ରାମଦେବୀ ନିସାଣି ମୁଣ୍ଡାପୀଠରୁ ପୂଜାର୍ଚ୍ଚନା କରାଯିବା ପରେ ମଶାଲ ଶୋଭାଯାତ୍ରାରେ ବାହାରିଥିଲା। ଶୋଭାଯାତ୍ର ଗ୍ରାମ ପରିକ୍ରମା କରି ପରବ ମଞ୍ଚରେ ପହଞ୍ଚିଥିଲା। ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ଶୁଆଇ କୁଲେସିକା, ଉପାଧ୍ୟକ୍ଷା ଆରତୀ କୁଲଦୀପ, ବିଡିଓ ଗୁରେଶ୍ୱର ଭୋଇ, ଜିଲା ପରିଷଦ ସଭ୍ୟ ହିଙ୍ଗୁ ସୌନ୍ତା, ପୂର୍ବତନ ବିଧାୟକ କୈଳାସ କୁଲେସିକା, ଏମ୍‌ପିଙ୍କ ପ୍ରତିନିଧି କୈଳାସ ଖସ୍ଲା, ବିଧାୟକ ପ୍ରତିନିଧି ମୋନ୍ତିଖରା ପ୍ରମୁଖ ସମ୍ମାନିତ ଅତିଭାବେ ଉପସ୍ଥିତ ଥିଲେ। କୋରାପୁଟ ଜିଲାର ନୃତ୍ୟ, ସଙ୍ଗୀତ, କଳା, ଲୋକଗୀତ, ପର୍ଯ୍ୟଟନ ଓ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣି ଏହାର ବିକାଶ କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ପରବ ପଡ଼ିଆରେ ବିଭିନ୍ନ ବର୍ଗର ଖେଳକୁଦ ପ୍ରତିଯୋଗିତା କରାଯାଇଛି। ପରବ ମଞ୍ଚରେ କଳାକାରମାନେ ସଙ୍ଗୀତ ନୃତ୍ୟ ପ୍ରଦର୍ଶନ କରିଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲମାନ ଖୋଲାଯାଇଛି। ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଶିକ୍ଷୟିତ୍ରୀ ମୀନାକ୍ଷୀ ଖିଲୋ, ଅବିନାଶ ବିଦିକା ମଞ୍ଚ ପରିଚାଳନା କରିଥିଲେ। ପୂର୍ବତନ ସରପଞ୍ଚ ଡମ୍ବରୁଧର ମୁଦୁଲି, ପିଇଓ ରମେଶ ଚନ୍ଦ୍ର ସାହୁ ,ଏଡିଇ ଶ୍ୟାମ ମାଝି ଗ୍ରାମ ରୋଜଗାର ସେବିକା ବି. ବଡ଼ିକା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାକିରିଗୁମ୍ମା ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ

ମାଲକାନଗିରି, ୧୩।୧୧
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ କେତେକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ସଦର ବ୍ଲକ ଗୌଡଗୁଡା ପଞ୍ଚାୟତ ଏମ୍‌ଭି ୯ ଗ୍ରାମର ପ୍ରାଥମିକ ବିଦ୍ୟାଳୟକୁ ଗ୍ରାମବାସୀ ତାଲା ପକାଇ ବୁଧବାର ବିକ୍ଷୋଭ କରିଛନ୍ତି। ଏହି ବିଦ୍ୟାଳୟରେ ୩୦୦ ଛାତ୍ରୀଛାତ୍ର ପଢୁ ଥିବ ବେଳେ ମାତ୍ର ୪ ଶିକ୍ଷକ ରହିଛନ୍ତି। ସେଥିମଧ୍ୟରୁ ଜଣେ ଡେପୁଟେଶନରେ ଆସିଥିବା ବେଳେ ସେ ମଧ୍ୟ ଅନ୍ୟତ୍ର ଚାଲି ଯାଇଛନ୍ତି । ଫଳରେ


ତାଲାପକାଇ ଗ୍ରାମବାସୀଙ୍କ ପ୍ରତିବାଦ ।

## ଶିକ୍ଷକ ଅଭାବ

ଏଠାରେ ଠିକ୍ ଭାବେ ଶିକ୍ଷାଦାନ ହୋଇ ପାରୁନାହିଁ। ଯଥାଶୀଘ୍ର ବିଦ୍ୟାଳୟକୁ ଆଉ ୪ ଜଣ ଶିକ୍ଷକ ଯୋଗାଇ ଦିଆଯାଉ ବୋଲି ଦାବି କରିଛନ୍ତି। ଏହି ସମସ୍ୟାର ସମାଧାନ ନ ହେବା ଯାଏ ତାଲା ପକାଯିବ ବୋଲି ଗ୍ରାମବାସୀ କହିଛନ୍ତି। ମାଲକାନଗିରି ତହସିଲଦାର ଟିକୁନୁ ପୁଟା ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ତୁରନ୍ତ ଦୁଇଜଣ ଶିକ୍ଷକଙ୍କୁ ପଠାଯିବ ବୋଲି ପ୍ରତିଶ୍ରୁତି ଦେଲାପରେ ଗ୍ରାମବାସୀ ତାଲା ଖୋଲିଥିଲେ।

## ସଂକ୍ଷେପରେ

### ବ୍ଲକ୍‌ସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା, ୧୩।୧୧(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)-ଚିତ୍ରକୋଣ୍ଡା ସଦର ବ୍ଲକ ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ରାଜେଶ୍ୱରୀ ଖିଲ, ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ ସୌମ୍ୟରଞ୍ଜନ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ପଣସପୁଟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ରଥ, ଚିତ୍ରକୋଣ୍ଡା ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସୌମ୍ୟରଞ୍ଜନ ଦାସ ପ୍ରମୁଖ ମଞ୍ଚାସୀନ ଥଲେ । କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ, ସୋଲୋ ଡ୍ୟାନ୍ସ, ଗ୍ରୁପ୍ ଡ୍ୟାନ୍ସ, କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୪ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲ।

### ବ୍ଲକ୍‌ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ପ୍ରସ୍ତୁତ ବୈଠକ

ମାଥିଲି, ୧୩।୧୧(ସୁବାସ ଚନ୍ଦ୍ର ଖୁଡୁପିଆ)-ମାଲକାନଗିରି ଜିଲାର ମାଥିଲି ବ୍ଲକରେ ଲୋକ ମହୋତ୍ସବ ପରବ ପାଇଁ ବ୍ଲକ୍ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧକ୍ଷ ମହେଶ କୁମାର ବାକା ବୈଠକରେ ଅଧକ୍ଷତା କରିଥିବା ବେଳେ ମୁଖ୍ୟବକ୍ତା ଭାବେ ବିଡିଓ ହିମାଞ୍ଚଳ ମାଝୀ ଯୋଗ ଦେଇ ଚଳିତ ବର୍ଷ ମହୋତ୍ସବ କିପରି ପ୍ରତି ବର୍ଷଠାରୁ ଲୋକାଭିମୁଖୀ ହୋଇପାରିବ ସେ ନେଇ ମତ ଦେଇଥିଲେ। ମାଥିଲି ବ୍ଲକ୍ ୨୦ ପଞ୍ଚାୟତର ଜନ ପ୍ରତିନିଧି ସହିତ ବିଭିନ୍ନ ଗ୍ରାମର ମୁଖିଆମାନେ ଯୋଗଦେଇ ମତ ରଖିଥିଲେ। ଶେଷରେ ସର୍ବ ସହମତି କ୍ରମେ ଆସନ୍ତା ମାସ ୩ ତାରିଖରେ ଗାଙ୍ଗରାଜ ଗୁମ୍ମା ନଦୀରୁ କଳସ ଯାତ୍ରା ଆରମ୍ଭ ହୋଇ ଥାନା ନିକଟରେ ଥିବା ମା' ଭୈରବୀ ମନ୍ଦିର ନିକଟରେ ସ୍ଥାପନ କରାଯିବ ବୋଲି ସ୍ଥିର ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷା ଦେବକୀ ଦଳେଇ,ବ୍ଲକର ୩ ଜିଲା ପରିଷଦ ଜୋନ୍ ସଭ୍ୟା, ସଭ୍ୟ ସମସ୍ତ ୨୦ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟା,ସଭ୍ୟ, ତହସିଲଦାର, ଉପଖଣ୍ଡ ଚିକିତ୍ସାଧିକାରୀଙ୍କ ସମେତ ସମସ୍ତ ସରକାରୀ ଅଧିକାରୀ ଯୋଗ ଦେଇଥିଲେ।

# କାଳିମେଳା ବ୍ଲକ୍‌ସ୍ତରୀୟ ସର୍ଗିଫୁଲ ପ୍ରତିଯୋଗିତା


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ।

କାଳିମେଳା, ୧୩।୧୧
(ଜୀବନ କୃଷ୍ଣ ଦାସ)

କାଳିମେଳା ବ୍ଲକ୍‌ସ୍ତରୀୟ ସର୍ଗିଫୁଲ ମହୋତ୍ସବ କାଳିମେଳା ବ୍ଲକ୍ ଅନ୍ତର୍ଗତ ଗମ୍ଫାକୋଣ୍ଡା ପଞ୍ଚାୟତ ସଦରରେ ଥିବା ଉଚ୍ଚ ବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଗୁରୁବନ୍ଧୁ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଗମ୍ଫାକୋଣ୍ଡା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଭାପତି ଦାୟିତ୍ୱ ତୁଲାଇଥିବା ବେଳେ କୋଇକୋଣ୍ଡା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମାକାନ୍ତ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନନ୍ତପଲ୍ଲୀ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମାଚରଣ ପଟ୍ଟନାୟକ, କାଳିମେଳା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୀପଙ୍କର ମଣ୍ଡଳ ଏବଂ ଏମ୍‌ଭି ୭୯ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋଜ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ସବ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଜିଲା ଅନୁସୂଚିତ ଜାତି ଜନଜାତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ମହୋତ୍ସବରେ ବିଭିନ୍ନ ପଞ୍ଚାୟତରେ ଥିବା ୧୦ ସେବାଶ୍ରମ ବିଦ୍ୟାଳୟ ଓ ଆଶ୍ରମ ବିଦ୍ୟାଳୟ ୩ ଉଚ୍ଚ ବିଦ୍ୟାଳୟ ଓ ଗୋଟିଏ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ୧୭୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା ।

### ତମସା ମାଇନର କେନାଲରେ ପାଣି ଛାଡ଼ିବାକୁ ଜିଲାପାଳଙ୍କୁ ଦାବିପତ୍ର

ମାଲକାନଗିରି, ୧୩।୧୧(ଦୁର୍ଯ୍ୟୋଧନ ପାତ୍ର)-ମାଲକାନଗିରି ଜିଲା ତମସା ମାଇନର କେନାଲରେ ପାଣି ଛାଡିବା ଲାଗି ୧୬ ପଞ୍ଚାୟତବାସୀ ବୁଧବାର ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।
ଏଥିରେ ଉଲ୍ଲେଖ ରହିଛି, ଗତ ୩ ବର୍ଷ ପୂର୍ବେ କେନାଲ ମରାମତି ଲାଗି ପାଣି ବନ୍ଦ କରାଯିବ ବୋଲି ୧୬ ପଞ୍ଚାୟତ ଲୋକଙ୍କୁ ଜଣାଇଲା ପରେ ଏହାର ମରାମତି ହୋଇଥିଲା। ୩ ବର୍ଷ ଭିତରେ କାର୍ଯ୍ୟ ଶେଷ ହେବ ବୋଲି ଜଣାଇଥିଲେ । ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ସୁଦ୍ଧା କାର୍ଯ୍ୟ ଶେଷ ହୋଇନାହିଁ। ୫ ମାସ ପୂର୍ବେ ଲିଖିତ ବାବେ ଜଣାଇବାରୁ ଆସନ୍ତା ୨ ମାସ ମଧ୍ୟରେ ଏହା କାର୍ଯ୍ୟ ଶେଷ ହୋଇ ପାଣି ଛଡାଯିବ ବୋଲି ପ୍ରତିଶୃତି ଦେଇଥିଲେ । କିନ୍ତୁ ତାହା ହୋଇପାରିଲା ନାହିଁ। ଫଳରେ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ୧୬ ପଞ୍ଚାୟତ ଚାଷୀଙ୍କ ଚାଷ କାମ ବନ୍ଦ ହୋଇଯାଇଛି। ଚଳିତ ବର୍ଷ ଚାଷ କରିବାକୁ ସୁବିଧା ହେବ ବୋଲି ଆଶା ବାନ୍ଧି ବସିଥିବା ବେଳେ ତାହା ମଧ୍ୟ ହୋଇ ପାରିଲା ନାହିଁ। ତେଣୁ ଏହି କେନାଲକୁ ତୁରନ୍ତ ମରାମତି କରି ଆସନ୍ତା ରବି ଋତୁ ପାଇଁ ପାଣି ଯୋଗାଇବା ବ୍ୟବସ୍ଥା କରିବାକୁ ଚାଷୀ ଦାବି କରଛନ୍ତି। ଏହାର ସମାଧାନ କରା ନ ଗଲେ ୧୬ ପଞ୍ଚାୟତ ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲା କୃଷକ ସଂଗଠନ ସଭାପତି ଏରା ପଡିଆମି, ଜିଲା ପରିଷଦ ଜୋନ୍ ୨ ସଦସ୍ୟ ମୁକା ମାଡକାମି, ଗୋରାଖଣ୍ଡା ସରପଞ୍ଚ ପଦିଏ କବାସୀ, ଶିଖପାଲ୍ଲୀ ସରପଞ୍ଚ ବିଜୟ କବାସୀ, ଚିତ୍ରାଙ୍ଗପାଲ୍ଲୀ ସରପଞ୍ଚ କୋଶଲ୍ୟା କବାସୀଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

# ଭାରରେ ବୁହାହେଲେ ରୋଗୀ


ରୋଗୀଙ୍କୁ ଭାରରେ ଲୋକେ ବୋହି ନେଉଛନ୍ତି ।

ଗୋବିନ୍ଦପାଲି, ୧୩।୧୧(କାର୍ତ୍ତିକ ରଥ)

ପୋଲ ନ ଥିବାରୁ ଭାରରେ ବୁହା ହେଲେ ବୃଦ୍ଧା ରୋଗୀ ପ୍ରତିମା ଖିଲ(୬୧) । ଗାଁକୁ ରାସ୍ତା ଏବଂ ସେତୁ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଥିବା ହେତୁ ଖଟିଆରେ ଭରା ନଇ ପାର ହେଲେ ରୋଗୀ। ଏପରି ଘଟଣା ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲୀ ପଞ୍ଚାୟତ ଗୋଜିଆଗୁଡ଼ା ଗ୍ରାମରେ ଦେଖିବାକୁ ମିଳିଛି। ପ୍ରତିମା ଗତ କିଛିଦିନ ଧରି ଜ୍ୱର ଏବଂ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ମଙ୍ଗଳବାର ହଠାତ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଥିଲା। ତେଣୁ ଗ୍ରାମକୁ ସେତୁ ନିର୍ମାଣ କାର୍ଯ୍ୟ ଦୀର୍ଘ ଖଟିଆରେ ନଇ ପାରକରି ତାଙ୍କୁ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ଗ୍ରାମବାସୀ ଏନେଇ ପ୍ରଶାସନ ନିକଟରେ ବହୁବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା କହିଛନ୍ତି। ତେଣୁ ତୁରନ୍ତ ଉକ୍ତ ସେତୁ ନିର୍ମାଣ କାର୍ଯ୍ୟ ସାରିବା ସହ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା କରିବାକୁ ଗୋଜିଆଗୁଡା ଗ୍ରାମବାସୀ ଦାବି କରିଛନ୍ତି।

# ବ୍ଲକ୍‌ସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ


ପ୍ରକଳ୍ପକୁ ଅତିଥିମାନେ ବୁଲି ଦେଖୁଛନ୍ତି ।

କୋରୁକୋଣ୍ଡା, ୧୩।୧୧(ଶିବଦତ୍ତ ସାହୁ)

କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ସ୍କୁଲରେ ବୁଧବାର କୋରୁକୋଣ୍ଡା ବ୍ଲକସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ଅସିତ ମିସ୍ତ୍ରୀଙ୍କ ସଭାପତିତ୍ୱରେ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଡିଓ ସୁଜିତ କୁମାର ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ବକ୍ତା ମାଲକାନଗିରି ଡିଗ୍ରୀ କଲେଜ ପ୍ରାଣୀ ବିଜ୍ଞାନ ଅଧ୍ୟାପକ ବଙ୍କିମ ସିଲ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଡ଼ା ମାଡ଼କାମୀ,ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଳା କୁମାରୀ ହିଆଲ, କେନ୍ଦ୍ରାଗୁମ୍ଫା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିବପଦ ସରକାର, ତାର୍ଲାକୋଟା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସସ୍ମିତା ମଞ୍ଜରୀ କୁରୁ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୭୧ ପ୍ରୋଜେକ୍ଟ ଛାତ୍ରୀ ଛାତ୍ର ଆଣିଥିଲେ। ଉଦ୍‌ଯାପନୀ ସମାରୋହରେ ସଭପତି ଅସିତ ମିସ୍ତ୍ରୀ, ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ମୁଖ୍ୟ ବକ୍ତା ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ, ସମ୍ମାନିତ ଅତିଥି ଏମ୍‌ଭି-୨୭ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ କୁମାର ନାୟକ, ମଣିଶଙ୍କର ମଜୁମଦାର,ବିଧାୟକ ପ୍ରତିନିଧି ବିନାୟକ ପାତ୍ର, ସସ୍ମିତା ମଞ୍ଜରୀ କୁରୁ ପ୍ରମୁଖ ଯୋଗଦେଇ ଥିଲେ। ଭାଗ ନେଇଥିବା ୧୭୧ ଛାତ୍ରଛାତ୍ରୀଙ୍କ ପ୍ରକଳ୍ପ ମଧ୍ୟରୁ ୭ କୃତୀ ଛାତ୍ରୀ ଛାତ୍ରଙ୍କୁ ଚୟନ କରାଯାଇ ସେମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କୁ ଜଲାସ୍ତରୀୟ ବିଜ୍ଞନ ମେଳାକୁ ପଠାଯିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ମିସ୍ତ୍ରୀ କହିଛନ୍ତି।

# ଗୋଟିଏ ସ୍ୱର୍ଣ୍ଣ ସହ ୧୦ ପଦକ ଜିତିଲେ ପ୍ରତିଯୋଗୀ

ସୁନାବେଡ଼ା/ସେମିଳିଗୁଡ଼ା, ୧୩।୧୧
(କୃତ୍ତିବାସ ପ୍ରଧାନ/ ବାସୁଦେବ ବରାଡ଼)

ଗୋଆରେ ସେମିଳିଗୁଡ଼ା ପିଲା ଚମକିଲେ। ଚଳିତ ମାସ ୭ ରୁ ୧୦ ତାରିଖ ପର୍ଯ୍ୟନ୍ତ ଗୋଆର ମପୁସା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ୨୪ ତମ ଏଫ୍‌ଏସ୍‌କେଏ ବିଶ୍ୱ କରାଟେ ପ୍ରତିଯୋଗିତାରେ ସେମିଳାଗୁଡାର ସଟକନ କରାଟେ ସ୍କୁଲ ପ୍ରତିଯୋଗୀ ମାନେ ଗୋଟିଏ ସ୍ୱର୍ଣ୍ଣ ସହ ୧୦ ପଦକ ଜିତିଛନ୍ତି । ପ୍ରତିଯୋଗିତାରେ ୧୮ ଦେଶରୁ ୧୫୦୦ କରାଟେକା ଯୋଗଦେଇଥିଲେ । ସେମିଳିଗୁଡ଼ା କରାଟେ ସ୍କୁଲର ୫ ଜଣ




କରାଟେକା ବିଭିନ୍ନ ବର୍ଗରେ ଭାରତ ପକ୍ଷରୁ ଅଂଶଗ୍ରହଣ କରିଥିଲେ । ପୁନମ ହନ୍ତାଳ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ,ହିତଲ ହରପ୍ରିୟା ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ, ପ୍ରଜତ ବାରିକ ଦୁଇଟି ରୌପ୍ୟ, କେ. ଅଖିଳ ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ, ଏନ୍. ସନ୍ଦୀପ କୁମାର ଗୋଟିଏ ରୌପ୍ୟ ସହ ଗୋଟିଏ କାଂସ୍ୟ ପଦକ ହାସଲକରି କୋରାପୁଟ ଜିଲା ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ କୋଚ୍ କ୍ରିଷ୍ଣା ପାଡ଼ୀ ଓ ରେଫରି ଅମ୍ବିକା ପାଢ଼ୀ ସମସ୍ତ କରାଟେକାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

### ଆଇଏମ୍‌ଏସ୍‌ଟି ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

କୋରୁକୋଣ୍ଡା, ୧୩।୧୧(ଶିବଦତ୍ତ ସାହୁ)-ବାଲିମେଳାରେ ଥିବା ଆଇଏମ୍‌ଏସ୍‌ଟି ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ୪୭ତମ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ଡ. ପି.ରାଜନଙ୍କ ଅଧକ୍ଷତାରେ ସାଧାରଣ ସଭା କରାଯାଇଛି। ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଇସାକ ଖୋସଲା ଏବଂ ସମ୍ମାନନୀୟ ଅତିଥି ଖବରଦାତା ରବି ରଶ୍ମି ଗୁରୁ ଯୋଗ ଦେଇଥିଲେ। ବାର୍ଷିକ ଖେଳ ବିବରଣୀ ଅଙ୍କିତା ନାଲା ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଭାଇସ ପ୍ରିନ୍ସିପାଲ ମିନତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଶାବର ଶ୍ରୀକ୍ଷେତ୍ରରେ ପହଞ୍ଚିଲା ନନ୍ଦିଘୋଷ ରଥଚକ

କୋରାପୁଟ, ୧୩।୧୧
(ଅମିତାଭ ବେହେରା)

କୋରାପୁଟ ଶାବର ଶ୍ରୀକ୍ଷେତ୍ରକୁ ପୁରୀ ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଏକ ଚକ ପହଞ୍ଚିଛି। ଏକ ପରେ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ପୁରୀ ଶ୍ରୀ ଜଗନ୍ନାଥଙ୍କ ରଥ ଚକ କୋରାପୁଟ ଆଣିବା ପାଇଁ ଖବରଦାତା ଭବାନୀ ଶଙ୍କର ମିଶ୍ର ଓ ଆଇନଜୀବୀ ବିଶ୍ୱମୋହନ ପଟ୍ଟନାୟକଙ୍କ ନେତୃତ୍ୱରେ କିଛିମାସ ତଳେ ଅନେକ ଭକ୍ତଙ୍କଠାରୁ ଆର୍ଥିକ ସହାୟତା ଆଦାୟ କରାଯାଇଥିଲା। ଉକ୍ତ ଅର୍ଥ ପୁରୀ ଜଗନ୍ନାଥ ମନ୍ଦିର ପ୍ରଶାସନଙ୍କୁ ଦିଆଯିବା



ପରେ ପୂର୍ବତନ ଏସ୍‌ଡିପିଓ ମନୋଜ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚକ ପହଞ୍ଚି ଥିଲା।

# ମାଟାମଗୁଡ଼ାରୁ ଛାତ୍ରୀ ଉଦ୍ଧାର

ପଟ୍ଟାଙ୍ଗି, ୧୩।୧୧(ଶରତ ଧଳ)

## ରେଙ୍ଗା ପଞ୍ଚାୟତ ବାଳିକା ହାଇସ୍କୁଲ

- ଅଜଣା ଝିଅ ସହ ଛାତ୍ରୀଙ୍କୁ ଛାଡ଼ି ହରଡ଼ଘଣାରେ ଶିକ୍ଷୟିତ୍ରୀ, ଶିକ୍ଷକ
- ଦୋଷ ଛଡ଼ାଇବାକୁ ସ୍କୁଲ କର୍ତ୍ତୃପକ୍ଷଙ୍କ ଉଦ୍ୟମ

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ରେଙ୍ଗା ପଞ୍ଚାୟତ ବାଳିକା ହାଇସ୍କୁଲରୁ ଜଣେ ଛାତ୍ରୀ ଅନ୍ୟ ଜଣେ ଅଜଣା ଝିଅ ସହ ବାହାରକୁ ଯିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶିକ୍ଷୟିତ୍ରୀ ଶିକ୍ଷକ କିପରି ଜଣେ ଅଜଣା ଝିଅ ସହ ଛାତ୍ରୀଙ୍କୁ ବାହାରକୁ ଛାଡ଼ିଲେ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ତ୍ରିନାଥ ବେହେରାଙ୍କ ସୂଚନା ଅନୁସାରେ ଡେକାପାର ଗ୍ରାମର ଜଣେ ଛାତ୍ରୀ ନବମ ଶ୍ରେଣୀରେ ପଢୁଛନ୍ତି। ତାଙ୍କୁ ଗତ ୧୦ ତାରିଖରେ କୋଟିଆ ପଞ୍ଚାୟତ ବାରାବନ୍ଦ ଗ୍ରାମରେ ଥିବା ଜଣେ ସମ୍ପର୍କୀୟ ବଡ ଭଉଣୀ ଦେଖାକରିବାକୁ ଆସି ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ସୌଦାମିନୀ ପଣ୍ଡାଙ୍କୁ ଦରଖାସ୍ତ ଦେଇ ଛାତ୍ରୀଙ୍କୁ ବିଦ୍ୟାଳୟରୁ ନେଇଯାଇଥିଲେ। କିନ୍ତୁ ଉକ୍ତ ଦରଖାସ୍ତକୁ ପଣ୍ଡା ଠିକ୍ ଭାବେ ଯାଞ୍ଚ ନ କରି ଏବଂ ଅଭିଭାବକଙ୍କୁ କିଛି ନ ଜଣାଇ ଜଣେ ଅଜଣା ଝିଅ ସହ ଛାତ୍ରୀଙ୍କୁ କିପରି ଛାଡ଼ିଦେଲେ ସେ ନେଇ ପ୍ରଶ୍ନ ଉଠିଛି। ଗତ ୧୦ ତାରିଖ ସନ୍ଧ୍ୟା ସୁଦ୍ଧା ଛାତ୍ରୀ ଜଣକ ନ ଫେରିବାରୁ ବିଦ୍ୟାଳୟ ପକ୍ଷରୁ ନିଖୋଜ ହୋଇଥିବା ନେଇ ପଟ୍ଟାଙ୍ଗି ପୋଲିସରେ ଲିଖିତ ଅଭିଯୋଗ କରାଯାଇଥିବା ପ୍ରଧାନ ଶିକ୍ଷକ ବେହେରା କହିଛନ୍ତି । ପୋଲିସ ନିଖୋଜ ଛାତ୍ରୀଙ୍କୁ ମାଟାମଗୁଡ଼ାରୁ ଉଦ୍ଧାରକରି ସେହି ସ୍କୁଲରେ ପଢୁଥିବା ମାଟାମଗୁଡା ଗ୍ରାମର ନବମ ଶ୍ରେଣୀର ପୁଅ ଏବଂ ଛାତ୍ରୀଙ୍କୁ ନେଇଥିବା ସମ୍ପର୍କୀୟ ଭଉଣୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଥାନାରେ ପହଞ୍ଚି ଛାତ୍ରୀ ଜଣଙ୍କୁ ଚାପପକାଇ ନିଜ ମୁଣ୍ଡରୁ ଦୋଷ ଛଡ଼ାଇବାକୁ ଉଦ୍ୟମ ଚଳାଇଛନ୍ତି । ଏ ସମ୍ପର୍କରେ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ହରପ୍ରସାଦ ଦାସଙ୍କୁ ପଚାରିବାରୁ ଏହାର ତଦନ୍ତ ଆରମ୍ଭ ହେବା ସହ ଅବହେଳା ଯୋଗୁ ବିଦ୍ୟାଳୟର ସମସ୍ତ ଶିକ୍ଷକମାନଙ୍କୁ କୈଫିୟତ୍ ତଲବ କରାଯାଇଥିବା କହିଛନ୍ତି । ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟ ସେମିଳିଗୁଡ଼ା ବ୍ଲକ୍ ରେଙ୍ଗା ପଞ୍ଚାୟତରେ ରହିଛି। ଏଠାରେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୨୫୦ ଛାତ୍ରୀଛାତ୍ର ପଢୁଛନ୍ତି। ସେଥିରୁ ୨୪୩ ଛାତ୍ରୀ ହଷ୍ଟେଲରେ ରହୁଛନ୍ତି।

# ନାରାୟଣପାଟଣାରେ ପଞ୍ଚାୟତସ୍ତରୀୟ ପରବ ଉଦ୍‌ଯାପିତ

କୋରାପୁଟ/ନାରାୟପାଟଣା, ୧୩।୧୧
(ଅମିତାଭ ବେହେରା/ରାଜକିଶୋର ଜେନା )

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ସଦର ପଞ୍ଚାୟତରେ ବୁଧବାର ପଞ୍ଚାୟତସ୍ତରୀୟ ପରବ-୨୦୨୪ ଉଦ୍‌ଯାପିତ ହୋଇଛି। ୩ ଦିନ ଧରି ଚାଲିଥିବା ଉତ୍ସବର ଶେଷ ଦିନରେ ସ୍ଥାନୀୟ ସ୍ଥାନୀୟ ସରପଞ୍ଚ ରେବତୀ କୁନ୍ଦାରିଆ ମା' ବୁଢ଼ୀ ଠାକୁରାଣୀ ମନ୍ଦିରରେ ପୂଜାର୍ଚ୍ଚନା କରି ମଶାଲ ଆଣିଥିଲେ। ପରେ ମଶାଲ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ମୁଖ୍ୟ ପରବ ପଡିଆ ତଥା ହାଇସ୍କୁଲ ପଡିଆକୁ ଆସିଥିଲେ । ପୂର୍ବତନ ବିଧାୟକ କୈଳାସ କୁଲେସିକା, ବିଡିଓ ପିୟୁଷ ଲୁହାର, ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ, ଥାନା ଅଧିକାରୀ ପ୍ରମୋଦ ନାୟକ, ନାୟବ ସରପଞ୍ଚ ଶ୍ରୀନିବାସ, ବ୍ଲକ ଭାଜପା ମଣ୍ଡଳ ସଭାପତି କାଶୀନାଥ ହିକକା, ରମେଶ ଦାସ ,ସିଡିପିଓ ଇନ୍ଦୁମତୀ ପାଣିଗ୍ରାହୀ,ପିଇଓ


ପରବ ମଞ୍ଚରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ରମେଶ ତୁଳ, ଦୟାନିଧି ପ୍ରଧାନ ପ୍ରମୁଖ ମଶାଲ ଧରି ସହର ପରିକ୍ରମା କରିଥିଲେ। ୨୫ଟି ଗ୍ରାମର ମହିଳା ଓ ଯୁବତୀ ଆଦିବାସୀ ବେଶରେ ସଜ୍ଜିତ ହୋଇ ଢେମସା ନାଚର ତାଳେ ତାଳେ ମଶାଲଧାରୀଙ୍କୁ ମୁଖ୍ୟ ପରବ ପଡିଆକୁ ପାଛୋଟି ନେଇଥିଲେ। ଗତ ୨ ଦିନ ଧରି କୁଇଜ, ସଙ୍ଗୀତ, ରଚନା, ବକ୍ତୃତା, ଝୋଟି , ସାଂସ୍କୃତିକ ନାଚ ଭଳି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରଜାରଞ୍ଜନ ମିଶ୍ର ପରିଚାଳନା କରିଥିଲେ । ଅନ୍ୟପଟେ ଆଦିବାସୀ ଅଧ୍ୟୁଷିତ ନାରାୟଣପାଟଣା ପଞ୍ଚାୟତରେ ସୁନ୍ଦର ଭାବେ ପରବ ଆୟୋଜନ କରାଯାଇଥିବାରୁ ସରପଞ୍ଚ କୁନ୍ଦାରିଆ ସମସ୍ତ ୱାର୍ଡମେମ୍ବର, ଯୁବଗୋଷ୍ଠୀ, ଗ୍ରାମବାସୀ, ବଣିକ ସଂଘ, ବିଭିନ୍ନ ସମାଜର ସଦସ୍ୟ ତଥା ଗ୍ରାମବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମ ସନ୍ଧ୍ୟାରେ କୋରାପୁଟରୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ କୋରାପୁଟିଆ ନାଚ ଗ୍ରୁପ ତଥା ମେଲୋଡି ମଞ୍ଚରେ ପ୍ରଦର୍ଶିତ ହୋଇଥିଲା । ଏଥିସହ କୋଲାଟମ ନୃତ୍ୟରେ ମହିଳାମାନେ ନୃତ୍ୟ ପରିବେଷଣ କରିଥିଲେ । ପରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା ।

